

# କଟକ ସିଟି

## ନିର୍ବାଚନୀ କାର୍ଯ୍ୟରେ ଅବହେଳା; ବିଡ଼ିଓ ଅଧିକାରୀ ନିଲମ୍ବିତ

**କଟକ,୨୨।୫(ସମିସ):** ଚଳିତ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ ଜିଲ୍ଲା ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛି। ଏହି କ୍ରମରେ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହୋଇଥିବା ଆଠଗଡ଼ ବ୍ଲକ ବିଡ଼ିଓ ଅଧିକାରୀ ନବକୁମାର କଟକିଆଙ୍କୁ କାର୍ଯ୍ୟରେ ଅବହେଳା କରିଥିବା କାରଣରୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ୍ ଡାକୁଆ ନିଲମ୍ବନ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରକାଶ ଥାଉକି, ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନିର୍ଦ୍ଦେଶ ଖିଲାଫ କରିଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ବାଇକ୍ ଚୋର ଗିରଫ

**କଟକ,୨୨।୫(ସମିସ):** ମଙ୍ଗଳାବାଗ ଥାନା ପୁଲିସ ଟ୍ରକରେ ପରିବା ନେଇ କଟକ ଆସୁଥିବା ଜଣେ ଟ୍ରକ୍ ହେଲପରକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଆନ୍ଧ୍ରପ୍ରଦେଶ ବିଜୟୱାଡାର ଦିଜୱାଦା ଶିବାମଣୀ କନ୍ଥ(୨୪)। ତା ପାଖରୁ ଦୁଇଟି ଚୋରା ବାଇକ ଜବତ କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ପ୍ରଫେସରପଡା ଅଞ୍ଚଳରେ ସାଇ ସ୍ୱରୁପ ଦାସଙ୍କ ଘର ହୋଇଥିବା ବେଳେ ସେ ନିଜର ବୁଲେଟ୍‌କୁ ଘର ସମ୍ମୁଖରେ ରଖିଥିଲେ। ତେବେ ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ଏହି ବାଇକଟିକୁ ଚୋରାଇ ନେଇଥିଲା। ବାଇକର ହ୍ୟାଣ୍ଡେଲ ଲକ୍ ଖୋଲା ଥିବାରୁ ସେ ଗାଡିକୁ ଗଡାଇ ଗଡାଇ ଛତ୍ରବଜାର ଆଡକୁ ନେଉଥିଲା। ଏହା ଦେଖି ସ୍ଥାନୀୟ କିଛି ଲୋକଙ୍କ ମନରେ ସନ୍ଦେହ ହେବାରୁ ସେ ଦୁର୍ବୃତ୍ତକୁ ଅଟକାଇ ଗାଡି ସମ୍ପର୍କରେ ପଚାରିଥିଲେ। ଏତିକିବେଳେ ସେ ଗାଡି ଛାଡି ଦୌଡିଥିଲା। ମାତ୍ର ଲୋକେ ତାକୁ କାବୁ ପଚରାଉଚରା କରିବାରୁ ସେ ବୁଲେଟ ଗାଡିକୁ ଚୋରାଇ ନେଉଥିବା ଜଣାପଡିଥିଲା। ଖବର ପାଇ ମଙ୍ଗଳାବାଗ ଥାନା ପୁଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଥିଲା। ଥାନାରେ ପଚରାଉଚରା କରିବାରୁ ପୂରା ଘଟଣା ସାମନାକୁ ଆସିଥିଲା। ଅଭିଯୁକ୍ତ ଶିବାମଣୀ ଏକ ଟ୍ରକରେ ହେଲପର ଭାବେ କାମ କରେ। ସେହି ଟ୍ରକ ପରିବା ବୋଝେଇ କରି ନିୟମିତ ବ୍ୟବଧାନରେ କଟକ ଛତ୍ରବଜାର ଆସେ। ବିଳମ୍ବିତ ରାତିରେ ଟ୍ରକ ପହଞ୍ଚିଲା ପରେ ସାମଗ୍ରୀ ଅନ୍‌ଲୋଡ ହୁଏ। ଏହି ସମୟରେ ଶିବାମଣୀ ଆଖପାଖରେ ବୁଲାବୁଲି କରୁଥିଲା। ଆଉ ସୁଯୋଗ ଦେଖି ଲୋକଙ୍କ ଘର ଆଗରୁ ସାଇକେଲ, ଗାଡି ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରାଇ ନେଉଥିଲା। ଗତ ସପ୍ତାହରେ ସେ ସିଆରଆରଆଇ ଥାନା ଅଞ୍ଚଳରୁ ଏକ ସ୍କୁଟି ଚୋରାଇଥିବା ଜଣାଇଥିଲା। ଉକ୍ତ ସ୍କୁଟିକୁ ସେ ଛତ୍ରବଜାର ଅଞ୍ଚଳରେ ଲୁଚାଇ ରଖିଥିଲା। ପୁଲସ ପହଞ୍ଚି ଉକ୍ତ ଗାଡିକୁ ଜବତ କରିଛି। ଏହି ସ୍କୁଟିକୁ ସେ ସୁଯୋଗ ଦେଖି ମାଲବାହୀ ଟ୍ରକରେ ଆନ୍ଧ୍ରପ୍ରଦେଶ ନେଇଯିବାର ଯୋଜନା କରିଥିଲା। ବୁଧବାର ତାକୁ କୋର୍ଟ ଚାଲାଣ କରାଯାଇଛି। ତେବେ ଅଭିଯୁକ୍ତ ଆଉ କେତେ ଗାଡି ଚୋରାଇଛି ସେନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

### ନିର୍ବାଚନ ପାଇଁ ଅବକାରୀ ସାମଗ୍ରୀ ବିକ୍ରୟ ଉପରେ ନିଷେଧାଦେଶ

## ୨୩ରୁ ୨୫ ମଦ ଦୋକାନ ବନ୍ଦ




**କଟକ,୨୨।୫(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ସମେତ ବାରବାଟୀ- କଟକ, ଚୌଦ୍ୱାର-କଟକ, କଟକ ସଦର, ଆଠଗଡ, ବାଙ୍କୀ ଓ ବଡମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭୋଟଗ୍ରହଣ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ପ୍ରକାରର ଅବକାରୀ ସାମଗ୍ରୀ ବିକ୍ରୟ ଉପରେ ନିଷେଧାଦେଶ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଏହିସବୁ ନିର୍ବାଚନମଣ୍ଡଳୀ ଏବଂ କଟକ ଜିଲ୍ଲାର ପରିସୀମାରୁ ୭ରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ ସମସ୍ତ ଅବକାରୀ ସାମଗ୍ରୀ ବିକ୍ରୟ ଦୋକାନକୁ ବନ୍ଦ ରଖାଯିବା ସହ ସେସବୁକୁ ସିଲ୍ କରାଯିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି କ୍ରମରେ କଟକ ଜିଲ୍ଲାରେ ୨୩ତାରିଖ ଅପରାହ୍ନ ୪ଟାଠାରୁ ତା ୨୫ତାରିଖ ବିକ୍ରୟ ବନ୍ଦ ହେବା ସମୟ ପର୍ଯ୍ୟନ୍ତ ଏବଂ ଭୋଟ ଗଣତି ଦିନ ଜୁନ୪ତାରିଖ ସମଗ୍ର ଦିନ ସମସ୍ତ ଅବକାରୀ ସାମଗ୍ରୀ ଦୋକାନଗୁଡିକ ବନ୍ଦ ରହିବ। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ତଥା ଭୋଟଗଣତି ନିମନ୍ତେ ନିର୍ବାଚନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ ଏବଂ ଭୋଟଗଣତି ଦିନ କୌଣସି ସ୍ପିରିଟ୍‌ଯୁକ୍ତ ପାନୀୟ, ଓର୍ମେନଟେଡ ବା ବିଷାକ୍ତ ମଦ୍ୟ କିମ୍ବା ଏହିଭଳି ଅନ୍ୟ କୌଣସି ପଦାର୍ଥ କୌଣସି ହୋଟେଲ୍, ଖାଇବା ଘର, ମଧୁଶାଳା, ଦୋକାନ, କୌଣସି ସରକାରୀ ବା ବେସରକାରୀ ସ୍ଥାନରେ ବିକ୍ରୟ କିମ୍ବା ବଣ୍ଟନ କରାଯାଇପାରିବ ନାହିଁ। ଏହି ବନ୍ଦ ସମୟ ମଧ୍ୟରେ ମଦ୍ୟ ପ୍ରସ୍ତୁତକାରୀ କମ୍ପାନୀମାନେ କେବଳ ମଦ୍ୟ ପ୍ରସ୍ତୁତ କରିପାରିବେ। ଏହାକୁ ରପ୍ତାନୀ କିମ୍ବା ସ୍ଥାନାନ୍ତରୀକରଣ କରିପାରିବେ ନାହିଁ। ଲାଇସେନସ୍‌ପ୍ରାପ୍ତ ମଦ୍ୟ ବିକ୍ରେତାମାନେ ଏହି ନିଷିଦ୍ଧ ସମୟ ମଧ୍ୟରେ ଷ୍ଟକ୍ ଉଠାଇ ପାରିବେ ନାହିଁ। ଏହି ନିର୍ଦ୍ଦେଶନାମା ପାଳନରେ ଖିଲାପ କଲେ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବ।

### ଜିଲ୍ଲାର ୬ ବିଧାନସଭା ନିର୍ବାଚନମଣ୍ଡଳୀରେ ରୋଚକ ଲଢେଇ

# ଆଜି ସରିବ ପ୍ରଚାର

### ଅଭିଜ୍ଞ ବନାମ ନୂଆ ମୁହଁ

**କଟକ,୨୨।୫(ସମିସ)**

କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲ୍ଲାର ୬ଗୋଟି ବିଧାନସଭା ଆସନରେ ଆସନ୍ତା ୨୫ତାରିଖରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ଏଥିପାଇଁ ଆସନ୍ତା କାଲି ପ୍ରଚାର ଶେଷ ହେଉଛି । ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାରକୁ ଜୋରଦାର କରିଥିବା ବେଳେ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀରେ ଷ୍ଟାର ପ୍ରଚାରକଙ୍କ ହାଇଭୋଲଟେଜ ପ୍ରଚାର ଦେଖିବାକୁ ମିଳିଛି। ବିଜେପି ପ୍ରାର୍ଥୀଙ୍କ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ,ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ମାଳମାଳ କେନ୍ଦ୍ର ମନ୍ତ୍ରୀ କଟକ ଗସ୍ତ କରିସାରିଛନ୍ତି। ସେହିପରି ବିଜେଡି ପ୍ରାର୍ଥୀଙ୍କ ପାଇଁ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ମଧ୍ୟ ପ୍ରଚାର କରିଛନ୍ତି। କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପୂର୍ବରୁ ରାହୁଲ ଗାନ୍ଧୀ ଆସି ପ୍ରଚାର କରିଥିବା ବେଳେ ପରବର୍ତ୍ତୀ ସମୟରେ ଦଳର ରାଜ୍ୟ ନେତୃବୃନ୍ଦ ମଧ୍ୟ ସାମିଲ ହୋଇଥିଲେ । ଏବେ ପ୍ରଚାର ସରିଆସୁଥିବା ବେଳେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରୋଚକ ହେବାରେ ଲାଗିଛି ଭୋଟ ଲଢେଇ। ବାରବାଟୀ-କଟକ ବିଧାନସଭା କ୍ଷେତ୍ରରେ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିରଦୋସ,ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ଓ ବିଜେପି ପ୍ରାର୍ଥୀ ଡା.ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ହେଉଛି। ବାରବାଟୀ-କଟକ ଆସନ ବଜାୟ ରଖିବା କଂଗ୍ରେସ ପାଇଁ ଚାଲେଞ୍ଜ ହୋଇ ଉଭା ହୋଇଛି। ଗତ ୨୦୧୯ ନିର୍ବାଚନରେ ବାରବାଟୀ-କଟକ ବିଧାନସଭା କ୍ଷେତ୍ର କଂଗ୍ରେସ ଦଖଲରେ ରହିଥିଲା। ଏଥର ବିଜେପି ଓ କଂଗ୍ରେସ

### ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର



ପ୍ରାର୍ଥୀ ରାଜନୀତିରେ ନୂଆ ଚେହେରା ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରକାଶଙ୍କ ପାଖରେ ଅଭିଜ୍ଞତା ରହିଛି। ଚୌଦ୍ୱାର-କଟକରେ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ,ବିଜେପି ପ୍ରାର୍ଥୀ ନୟନକିଶୋର ମହାନ୍ତିଙ୍କ ମଧ୍ୟରେ ଦ୍ୱିମୁଖୀ ଲଢେଇର ସମ୍ଭାବନା ରହିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ତଥା ନୂଆ ମୁହଁ ମୀରା ମଲ୍ଲିକ ମଧ୍ୟ ଦଳର ଭୋଟବ୍ୟାଙ୍କ ସଜାଡି ଟକ୍କର ଦେବାକୁ ଉଦ୍ୟମ ଚଳାଇଛନ୍ତି । କଟକ ସଦର ସଂରକ୍ଷିତ ଆସନରେ ବିଜେଡିର ଅଭିଜ୍ଞ ନେତା ଚନ୍ଦ୍ରସାରଥୀ ବେହେରା ହାଟ୍ରିକ ବିଜୟ ଲକ୍ଷ୍ୟରେ ରହିଥିବା ବେଳେ ତାଙ୍କର ଲଢେଇ ସିଧାସଳଖ ବିଜେପି ପ୍ରାର୍ଥୀ ତଥା ନୂଆ ମୁହଁ ପ୍ରକାଶ ସେଠୀଙ୍କ ମଧ୍ୟରେ ହେବାର ବହୁତ ସମ୍ଭବନା ରହିଛି । କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ ମଧ୍ୟ ଏଠାରେ ତ୍ରିମୁଖୀ ଲଢେଇ ଆଶାରେ ରହିଛନ୍ତି। ବାଙ୍କୀରେ କଂଗ୍ରେସର ଅଭିଜ୍ଞ ନେତା ଦେବାଶିଷ ପଟ୍ଟନାୟକ, ବିଜେଡିର ଦେବୀ ରଂଜନ ତ୍ରିପାଠୀ ଓ ବିଜେପିର ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ମଧ୍ୟରେ ଏକ ବଡ ଲଢେଇ ହେବ ବୋଲି କୁହାଯାଉଛି। ସେହିପରି ଆଠଗଡରେ କ୍ରମାଗତ ୭ଥର ଜିତି ବିଧାୟକ ହୋଇଥିବା ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ବିଜେପି ପ୍ରାର୍ଥୀ ଅଭୟ ବାରିକ ଓ ବଡମ୍ବାରେ ବିଜେଡିର ଅଭିଜ୍ଞ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ସହ ବିଜେପିର ସମ୍ବିତ ତ୍ରିପାଠୀଙ୍କ ସିଧା ମୁକାବିଲା ହେବ ବୋଲି ଚର୍ଚ୍ଚା ହେଉଛି। ଆଠଗଡରେ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ସାହୁ ଓ ବଡମ୍ବାରେ ସଂଜୟ କୁମାର ସାହୁ ମଧ୍ୟ କଂଗ୍ରେସ ଦଳର ପାରମ୍ପରିକ ଭୋଟ ହାତେଇ ତ୍ରିମୁଖୀ ଲଢେଇରେ ସାମିଲ ହେବା ପାଇଁ ଆଶା ବାନ୍ଧିଛନ୍ତି ।

## ୫୨ନଂ ୱାର୍ଡରେ ବିଜେଡିର ପଦଯାତ୍ରା

**କଟକ,୨୨।୫(ସମିସ):** ଆଗାମୀ ସାଧାରଣ ନିର୍ବାଚନ ଅବସରରେ ଚୌଦ୍ୱାର କଟକ ବିଜେଡି ତରଫରୁ ୫୨ନଂ ୱାର୍ଡରେ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନାଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ପଦଯାତ୍ରା ଜରିଆରେ ୱାର୍ଡର ପ୍ରତ୍ୟେକ ଘରକୁ ଘର ଯାଇ ନବୀନ ବାବୁଙ୍କ ସୁଶାସନ ଏବଂ ଓଡ଼ିଶାର ବିକାଶ ଧାରାକୁ ଆଗେଇ ନେବା ପାଇଁ କଟକ ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ଚୌଦ୍ୱାର କଟକ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏହି ପଦଯାତ୍ରାରେ ୱାର୍ଡ ସଭାପତି ବିନୟ କେତନ ଚୌଧୁରୀ, ପର୍ଯ୍ୟବେକ୍ଷକ ପ୍ରଦୀପ ସାହୁ, ସାହି ମୁରବୀ ଉଲ୍ଲାସ ପାଇକରାୟ, ସୈଲେନ ଦତ୍ତ, କୈଳାସ ପଟ୍ଟନାୟକ, ବୀରକିଶୋର ସାହୁ, ଗଣେଶ୍ୱର ଜେନା, ଲଲାଟେନ୍ଦୁ ମହାପାତ୍ର, ଅକ୍ଷୟ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଶ୍ରଦ୍ଧାନନ୍ଦ ପରିଜା, ଶରତ ଚନ୍ଦ୍ର ପତି, ସରୋଜ ସ୍ୱାଇଁ, ରାଧେଶ୍ୟାମ ରଣା, ହୃଷିକେଶ ସାହୁ, ପପୁ ପାତ୍ର, ମହିଳା ସଭାପତି ପ୍ରଭାତୀ ଦତ୍ତ, ଗୀତ ଦାସ, ଲକ୍ଷ୍ମୀ ପ୍ରଧାନ, ରିଙ୍କି ଗୌଡ଼ଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡବାସୀ ଉପସ୍ଥିତ ଥିଲେ।



### ମତଦାନ ହାର ବୃଦ୍ଧି ଲକ୍ଷ୍ୟ

## ୱାକାଥନ୍ ମାଧ୍ୟମରେ ଭୋଟର ସଚେତନତା

**କଟକ,୨୨।୫(ସମିସ)**

ଆସନ୍ତା ମେ ୨୫ ତାରିଖରେ କଟକ ଜିଲ୍ଲାର ଲୋକସଭା ନିର୍ବାଚନ ମଣ୍ଡଳୀ ଓ ଏହା ଅଧୀନସ୍ଥ ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ଆଠଗଡ, ବାଙ୍କୀ ଓ ବଡମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଭୋଟଗ୍ରହଣ ଅନୁଷ୍ଠିତ ହେବ। ଭୋଟ୍ ଦାନ ବୃଦ୍ଧି ପାଇଁ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଏକ ୱାକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରୁ ବାହାରିଥିବା ଏହି ୱାକାଥନ୍‌ରେ ୨୦୦ରୁ ଅଧିକ ଯୁବକ ଯୁବତୀ ପ୍ଲାକାର୍ଡ ମାନ ପ୍ରଦର୍ଶନ କରି ବାରବାଟୀ ଦୁର୍ଗ, କନଭେଣ୍ଟ ସ୍କୁଲ, ଆନନ୍ଦ ଭବନ, ଶାରଳା ଭବନ ଛକ ଆଦି ପରିକ୍ରମା କରିଥିଲା। ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ପ୍ରତିବଦ୍ଧତା ଏବଂ ମତଦାନ କରିବାର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରି ଆଗାମୀ ନିର୍ବାଚନରେ ଶତ ପ୍ରତିଶତ ଭୋଟଦାନ ସୁନିଶ୍ଚିତ କରାଇବା ଲକ୍ଷ୍ୟରେ ଏହି ୱାକାଥନ ଆୟୋଜିତ ହୋଇଥିଲା। ଅଲିମ୍ପିଆନ୍ ଡି. ପି. ଇରାନୀ ଏହି ୱାକାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାର ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଓରମାସ୍ କଟକର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ବିପିନ୍ ବିହାରୀ ରାଉତ, ଜିଲ୍ଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ବିଭିନ୍ନ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ।




## ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଯୁବ ସଂକଳ୍ପ ସମାବେଶ




**କଟକ,୨୨।୫(ସମିସ)**

ଆଜି କଟକ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଏକ ବିଶାଳ ଯୁବ ସଂକଳ୍ପ ସମାବେଶ ବିଜୁ ପଟ୍ଟନାୟକ ଛକ ସ୍ଥିତ ଖ୍ରୀଷ୍ଟିୟାନ ପଡିଆ ଠାରେ ବିଧାୟକ ମହମ୍ମଦ ମୋକିମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଇଯାଇଛି। ଏଥିରେ ଏଆଇସିସି ମିଡିଆ ଓ ପ୍ରଚାର ବିଭାଗର ଅଧକ୍ଷ ଶ୍ରୀ ପବନ ଖେରା ମୁଖ୍ୟଅତିଥି ଭାବେ ଯୋଗଦେଇ କଟକ ସହରରୁ ପୁଣି କିପରି କଂଗ୍ରେସ ବିଧାୟକ ବିଜୟୀ ହେବେ ସେଥିପାଇଁ ବିଧାୟକ ମୋକିମଙ୍କ ଉନ୍ନୟନମୂଳକ କାମକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦୋଷ ବିଧାୟକ ମହମ୍ମଦ ମୋକିମଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ ତାଙ୍କ ବକ୍ତବ୍ୟରେ କହିଥିଲେ। ନଗର ଯୁବ କଂଗ୍ରେସ ପୂର୍ବତନ ସଭାପତି ବିକି ଚକ୍ରବର୍ତ୍ତୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଂଯୋଜକ ରୋହିତ ମେନେନୀ, କଂଗ୍ରେସ ଜାତୀୟ ମୁଖପାତ୍ର ରିତୁ ଚୌଧୁରୀ, ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, କର୍ପୋରେଟର ସନ୍ତୋଷ ଭୋଳ, ଭାନୁ ସେନାପତି, ଜେ କାମେଷ ରାଓ, ଜନାର୍ଦ୍ଦନ ପରିଡା, ବଟକୃଷ୍ଣ ସାହୁ, ଶୁବାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଅଜିତ ବେହେରା, ଯୁବ କଂଗ୍ରେସ ନେତା ସୂର୍ଯ୍ୟକାନ୍ତ ରାଉତ, ମହମ୍ମଦ ଅଲିମ, ଆର୍ଯ୍ୟବୀର ଲେଙ୍କା, ସନ୍ତୋଷ ପାତ୍ର, ସ୍ମୃତି ରଞ୍ଜନ ରାଉତ, ଦିଲ୍ଲୀପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟିତ



**କଟକ,୨୨।୫(ସମିସ):** ବିଜୁ ଛାତ୍ର ଜନତା ଦଳର କଟକ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ କୁମାର ନାୟକଙ୍କ ଦ୍ୱାରା କଟକ ମହାନଗର ନିଗମ ଅନ୍ତର୍ଗତ ୪୬ନଂ ୱାର୍ଡ ସ୍ଥିତ ମହାନଦୀବିହାର ପ୍ରବେଶ ପଥରେ ଚୌଦ୍ୱାର କଟକ ବିଜୁ ଛାତ୍ର ଜନତା ଦଳର ଏକ ସ୍ଥାୟୀ କାର୍ଯ୍ୟାଳୟ ଚୌଦ୍ୱାର କଟକ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ସମାରୋହରେ ଶିଖରପୁର ଅଞ୍ଚଳ ମୁରବୀ ତଥା ବିଜେଡି ବରିଷ୍ଠ ନେତା ତଥା ଓଡ଼ିଶା ଟ୍ରକ୍ ମାଲିକ ସଂଘ ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ୱାର୍ଡ କର୍ପୋରେଟର ପ୍ରଜ୍ଞା ବେଉରା, ୪୭ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡେଇ, ସୌରଭ ପ୍ରଧାନ, ଜଗନ୍ନାଥ ପ୍ରଧାନ, ବିଶ୍ୱଜିତ ସ୍ୱାଇଁ, ପ୍ରଦୀପ୍ତ ପାତ୍ର, ତାପସ ମହାନ୍ତି, ସଞ୍ଜୟ ଜେନା, ସ୍ମୃତିରଞ୍ଜନ ନାୟକ, ସଞ୍ଜୟ କୁମାର ସିଂ, ଅଶୋକ ମିଶ୍ର, ସମ୍ପଦ ମହାପାତ୍ର, ଚିତ୍ତରଞ୍ଜନ ସାହୁ, ମୃତ୍ୟୁଞ୍ଜୟ କର, ବୁଲୁ ବିଶ୍ୱାଳ, ମୁରାରୀ ମହାନ୍ତି, ରତି ରଞ୍ଜନ ନାୟକ, ଶିବବ୍ରତ ପରିଡ଼ା, ରାଜକୁମାର ନାୟକ, ଗୁଗଲ ପଣ୍ଡା, ପ୍ରେମ୍ ମହାନ୍ତି, ପୀୟୂଷ ନାୟକ, ଆୟୁଷ ସାହୁ, ତ୍ରିଲୋଚନ ସ୍ୱାଇଁ, ସୁରଜ୍ ସାହୁ, କୁନାଲ ସାହୁ, ପ୍ରୀତିବ୍ରତ ଗୋଛାୟତ, ରାକେଶ ମହାରଣା, ଅନିଲ ନାୟକ, ସୁଜିତ୍ ବେଉରା, ସୋମନାଥ ନାୟକ ଆଦି ଉପସ୍ଥିତ ଥିବା ବେଳେ ଶେଷରେ ଚୌଦ୍ୱାର କଟକ ଛାତ୍ର ସଭାପତି ଅଚ୍ୟୁତ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ୬ ବିଧାନସଭା ନିର୍ବାଚନମଣ୍ଡଳୀରେ ୧୪୪ ଧାରା ଜାରି

**୪୮ ଘଣ୍ଟା ପୂର୍ବରୁ ନିର୍ବାଚନମଣ୍ଡଳୀ ଛାଡିବେ ବାହାର ଲୋକ**

**କଟକ,୨୨।୫(ସମିସ)**

ମଇ ୨୫ ଭୋଟ ପାଇଁ କଟକ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲାପାଳ ଅରିନ୍ଦମ ଡାକୁଆ କଟକ ଜିଲ୍ଲାର ବଡମ୍ବା, ବାଙ୍କୀ, ଆଠଗଡ, ବାରବାଟୀ କଟକ,ଚୌଦ୍ୱାର କଟକ ଓ କଟକ ସଦର ବିଧାନସଭା ନର୍ବାଚନ ମଣ୍ଡଳୀର ସମଗ୍ର ଅଞ୍ଚଳରେ ୧୪୪ ଧାରା ଜାରି କରିଛନ୍ତି। ଏହା ଆସନ୍ତା ୨୩ତାରିଖ ସଂଧ୍ୟା ୫ ଘଟିକାଠାରୁ ୨୬ତାରିଖ ସକାଳ ୬ ଘଟିକା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଧାରା ଅନୁଯାୟୀ ଭୋଟଗ୍ରହଣ କେନ୍ଦ୍ର ପରିସରର ୨୦୦ ମିଟର ଅଞ୍ଚଳ ମଧ୍ୟରେ ୫ ଜଣ କିମ୍ବା ତଦୁର୍ଦ୍ଧ ବ୍ୟକ୍ତି ଏକତ୍ରିତ ହେବା ନିଷିଦ୍ଧ ଅଟେ। କେବଳ ଜନସେବାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ନିମନ୍ତେ ସମଗ୍ର କଟକ ଜିଲ୍ଲାରେ ଲାଉଡସ୍ପିକର, ଆମ୍ପ୍ଲିଫାୟର ଏବଂ ଉଚ୍ଚ ସ୍ୱର କରୁଥିବା ଅନ୍ୟ ଯେ କୌଣସି ଉପକରଣ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ଭୋଟ ଗ୍ରହଣ କେନ୍ଦ୍ରର ୨୦୦ ମିଟର ପରିସୀମା ମଧ୍ୟରେ ସରକାରୀ ଦାୟିତ୍ୱ ନିର୍ବାହ କରୁଥିବା ପ୍ରାଧିକୃତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାର ଯାନବାହନ ପାର୍କିଂ କରାଯାଇ ପାରିବ ନାହିଁ । କୌଣସି ନିର୍ବାଚନ ପୋଷ୍ଟର କିମ୍ବା ଅନ୍ୟ ସାମଗ୍ରୀ ଲଗାଯାଇ ପାରିବ ନାହିଁ। ନିର୍ବାଚନ ଶେଷ ପର୍ଯ୍ୟାୟର ସମାପ୍ତି ପର୍ଯ୍ୟନ୍ତ ଏକଜିଟ ପୋଲର ଫଳାଫଳ ଘୋଷଣା ନିଷେଧ ଅଟେ। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ମତଦାନ କେନ୍ଦ୍ରର ୧୦୦ ମିଟର ପରିସୀମା ମଧ୍ୟରେ ସେଲୁଲାର ଫୋନ୍, କର୍ଡଲେସ ଫୋନ୍ ଇତ୍ୟାଦି ବ୍ୟବହାର ନିଷେଧ ଅଟେ। ସେହିପରି କଟକ ଜିଲ୍ଲା ପରିସରରେ କୌଣସି ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଆଦି ପ୍ରଦର୍ଶନ କରାଯାଇପାରିବ ନାହିଁ। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କେହି ମତଦାନ କେନ୍ଦ୍ର ପରିସରରେ ଅସ୍ତ୍ର ଧାରଣ କରି ରହିବା ମଧ୍ୟ ନିଷେଧ ଅଟେ। କୌଣସି ବ୍ୟକ୍ତି ଏହି ନିର୍ଦ୍ଦେଶନାମା ଅମାନ୍ୟ କଲେ ଭାରତୀୟ ପିଙ୍ଗଳ କୋଡ ଧାରା ୧୮୮ ଏବଂ ଅନ୍ୟ ସମ୍ପୃକ୍ତ ପ୍ରାବଧାନ ଅନୁଯାୟୀ ଦଣ୍ଡିତ ହେବେ।ମତଦାନର ୪୮ ଘଣ୍ଟା ପୂର୍ବରୁ ପ୍ରଚାର ଶେଷ ହେବା ସହ ନିର୍ବାଚନମଣ୍ଡଳୀ ବାହାର ଲୋକ ସ୍ଥାନ ଛାଡିବେ ବୋଲି କୁହାଯାଇଛି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ କାମଦେବ ଯେନା
(ଅବସରପ୍ରାପ୍ତ ପୋଷ୍ଟମାଷ୍ଟର)
ଗୋବିନ୍ଦପୁର, ପ୍ରିତିପୁର, ଯାଜପୁର
ଆବିର୍ଭାବ: ୨୮.୦୫.୧୯୬୧
ତିରୋଧାନ: ୧୩.୦୫.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ମାଆ- ଲକ୍ଷ୍ମୀ ଯେନା, ପତ୍ନୀ-ସ୍ନେହଲତା ଯେନା, ପୁତ୍ର- ଜନ୍ମଜୟ, ମୃତ୍ୟୁଞ୍ଜୟ, ଚିରଞ୍ଜିବ, ଚିନ୍ମୟ, ପୁତ୍ରବଧୂ-ଦିପ୍ତିରାଣୀ, ନାତି- ଜୟଦୀପ ଓ ରୁଦ୍ରାଂଶ








### ହେଲିପ୍ୟାଡ୍‌ରୁ ମଞ୍ଚ ଯାଏଁ ଯୋଡି ଶଙ୍ଖ ନାରା

# ଗୁଞ୍ଜରିତ ହେଲା 'ଆମ ନବୀନ ନମ୍ବର-୧'



**କଟକ,୨୨।୫(ସମିସ)**

ବାଲିଯାତ୍ରା ପଡିଆରେ ଆଜି ବିଜୁ ଜନତା ଦଳର ହାଇଭୋଲଟେଜ୍ ପ୍ରଚାର କାର୍ଯ୍ୟକ୍ରମରେ ଗୁଞ୍ଜରିତ ହୋଇଥିଲା 'ଆମ ନବୀନ୍ ନମ୍ବର-୧'। ହେଲିପ୍ୟାଡ୍‌ରୁ ମଞ୍ଚ ଯାଏଁ ଯୋଡି ଶଙ୍ଖର ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା ପରିବେଶ। ହଜାର ହଜାର ବିଜେଡି ପ୍ରେମୀ ହାତରେ ବିଜେଡି ପତାକା ଧରି ନବୀନଙ୍କୁ ସ୍ୱାଗତ କରିଥିଲେ। ସଭିଙ୍କ ମୁହଁରେ ଥିଲା

- **ମଞ୍ଚରେ ବିଷ୍ଣୁମୋହନ, ସାଗରିକା ଓ ଅନିଷାଙ୍କ ପ୍ରଚାର**
- **ଶଙ୍ଖଚିହ୍ନରେ ୨ଥର ଭୋଟ୍ ଦେବାକୁ ଆହ୍ୱାନ**

ଯୋଡି ଶଙ୍ଖର ନାରା। 'ଶଙ୍ଖ କରିଲା ଦୂର-ମଧ୍ୟବିତ୍ତ ଖର୍ଚ୍ଚର ଭାର' ସ୍ଲୋଗାନରେ ଉପସ୍ଥିତ ସମସ୍ତ କର୍ମୀଙ୍କ ମୁହଁରେ ହସ ଫୁଟି ଉଠିଥିଲା। ଏପରି ଏକ ରୋମାଞ୍ଚିତ ମୁହୂର୍ତ୍ତରେ ବିଜେଡି ପ୍ରଚାର ମଞ୍ଚରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ତୁମେ ଚାହିଁଲ ବୋଲି ଚକାଆଖି..ଶ୍ରୀକ୍ଷେତ୍ର ପାଇଲା ନୂଆ ଉପମା...ଲାଗେ ଚାରି ଧାମ ଆଜି ବୁଲୁଛି ଆଜି...କରୁଛି ଯେବେ ମୁଁ ତୁମ ପରିକ୍ରମା...ଏଭଳି ଏକ ଭାବପୂର୍ଣ୍ଣ ଜଗନ୍ନାଥ ଭଜନରୁ ଓଲିଉଡ୍ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ମଞ୍ଚ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କେଉଁଭଳି ଭାବେ ୫-ଟି ରୂପାନ୍ତରଣରେ ଶ୍ରୀକ୍ଷେତ୍ରର ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ତାହାର ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହାପରେ 'ଦେଖ୍ ଦେଖ୍ ନବୀନ ବାବୁ କି ମନ୍ତର କଲା ଲୋ..ଶଙ୍ଖ ଚିହ୍ନ ଓଡ଼ିଶା ସାରା ସଭିଁଙ୍କୁ ବାଇଆ କଲା ଲୋ'ଗୀତକୁ ଗାଇଥିଲେ କଣ୍ଠଶିଳ୍ପୀ ସାଗରିକା ମିଶ୍ର। ବିଷ୍ଣୁ ଓ ସାଗରିକାଙ୍କ କଣ୍ଠରୁ ୫ରୁ ଅଧିକ ନିର୍ବାଚନୀ ସଂଗୀତ ଭାସି ଆସିଥିଲା। ପ୍ରତ୍ୟେକ ଗୀତରେ ନବୀନ ଶାସନର ସ୍ୱଚ୍ଛତା, ୫-ଟି ରୂପାନ୍ତରଣ ଓ ନୂଆ ଓଡ଼ିଶା ଗଠନର ବିଭିନ୍ନ କଥାବସ୍ତୁ ସ୍ଥାନିତ ହୋଇଥିଲା। ତେବେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଜେଡିର ନିର୍ବାଚନୀ ଇସ୍ତାହାରର ଝଲକ ଦେଖିବାକୁ ମିଳିଥିଲା। ମଧ୍ୟବିତ୍ତ ବର୍ଗଙ୍କ ନିମନ୍ତେ ବିଏସ୍‌କେୱାଇ କାର୍ଡ, ବିଜୁଳି ବିଲ୍ ଛାଡ, କୃଷି ଓ ଗୃହ ଋଣରେ ରିହାତି ଓ ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ଋଣ ଛାଡ ଭଳି ନବୀନ ଗ୍ୟାରେଣ୍ଟିର ରୂପରେଖ ସଂଗୀତ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଏହାପରେ ମଞ୍ଚରେ ଅଭିନେତ୍ରୀ ଅନିଷା'ଙ୍କ ଝଲକ ଦେଖିବାକୁ ମିଳିଥିଲା। ସେ ହୁଳହୁଳି ପକାଇ ସମସ୍ତ କର୍ମୀ ଓ ମିଶନ ଶକ୍ତିର ମା'ମାନଙ୍କୁ ଆକର୍ଷିତ କରିଥିଲେ। ଶଙ୍ଖ ଓ ହୁଳହୁଳି ଧ୍ୱନିରେ ସଭାସ୍ଥଳୀ କମ୍ପି ଉଠିଥିଲା। ଏହାପରେ ତାଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା ବିଜେଡିର ସମସ୍ତ ଯୋଜନା ସମ୍ପର୍କିତ ସୂଚନା। ସେ ପୁଣି ଥରେ ମନେପକାଇ ଦେଇଥିଲେ, ନବୀନ ସରକାର କେଉଁଭଳି ସାଢ଼େ ୪କୋଟି ଓଡ଼ିଆଙ୍କ ଭଲମନ୍ଦ/ହାନିଲାଭର କଥା ବୁଝୁଥିବାର ଦାୟିତ୍ୱ ସମ୍ପର୍କରେ।

ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ ହୋଇ ଆସୁଥିଲା। ନିକଟସ୍ଥ ହେଲିପ୍ୟାଡ୍‌ରେ କ୍ରମଶଃ ପୁଲିସ ଛାଉଣୀ ହୋଇଗଲା। ମଞ୍ଚରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଘୋଷଣା କଲେ ଆଉ ମାତ୍ର ୫ମିନିଟ୍ ଭିତରେ କୋଟି ଓଡ଼ିଆର ମଉଡମଣୀ ତଥା ଶ୍ରେଷ୍ଠ ଜନନାୟକ ବିଶ୍ୱର ନମ୍ବର-୧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଭାସ୍ଥଳୀରେ ପହଞ୍ଚିବେ। ଏହାପରେ ଶଙ୍ଖ ବଜାଇବାକୁ ଆସିଥିବା ସାଂସ୍କୃତିକ ଦଳ ହେଲିପ୍ୟାଡ୍‌ଠାରୁ ସଭାମଞ୍ଚ ଯାଏଁ ଧାଡି ବାନ୍ଧି ଛିଡା ହୋଇ ଶଙ୍ଖ ବଜାଇଥିଲେ। ମିଶନ ଶକ୍ତିର ମା' ମାନେ ହୁଳିହୁଳି ପକାଇ ସ୍ୱାଗତ କରିଥିଲେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ। ସାଙ୍ଗରେ ଥିଲେ ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ୍ ପାଣ୍ଡିଆନ୍। ଭବ୍ୟ ସ୍ୱାଗତ କାର୍ଯ୍ୟକ୍ରମ ପରେ ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ ପାଛୋଟି ନେଇଥିଲେ ମଞ୍ଚକୁ। ଅପେକ୍ଷା'ର ଅନ୍ତ ଘଟିଥିଲା। ମଞ୍ଚ ତଳେ ଉତ୍ସାହ, ଉଦ୍ଦିପନା ସାଙ୍ଗକୁ ନବୀନ



ଓ ପାଣ୍ଡିଆନ୍‌ଙ୍କ ଭାଷଣ ଶୁଣିବାକୁ ଅପେକ୍ଷାରତ ହଜାର ହଜାର କର୍ମୀ ଜୟ ନବୀନ....ଜୟ ନବୀନ୍... ସ୍ଲୋଗାନ୍ ଦେଇଥିଲେ। ସମସ୍ତଙ୍କ ହାତରେ ଥିଲା ଯୋଡି ଶଙ୍ଖର ପ୍ଲା-କାର୍ଡ। କେତେକ କର୍ମୀ ନବୀନ୍ ଓ ପାଣ୍ଡିଆନ୍‌ଙ୍କ ମୁଖା ପିନ୍ଧି ବିଜେଡି ପ୍ରଚାରପତ୍ର ବାଣ୍ଟୁଥିଲେ। ଏହାପରେ ଜୋରଦାର ଆରମ୍ଭ ହୋଇଥିଲା ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ।



### ନବୀନ ୫-ଟି ରୂପାନ୍ତରଣ ଗ୍ୟାରେଣ୍ଟି

ଯୋଡି ଶଙ୍ଖ ହେଉଛି ଓଡ଼ିଶା'ର ପରିଚୟ..ଯୋଡି ଶଙ୍ଖ ହେଉଛି ବିକାଶର ପରିଚୟ। ସାଢ଼େ ଚାରି କୋଟି ପରିବାରର କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟରତ। ରାଜ୍ୟର ଚାଷୀମାନେ ଓ ମିଶନ ଶକ୍ତି'ର ମା'ମାନେ ଜିରୋ ପରସେଣ୍ଟ୍ ସୁଧରେ ଋଣ ପାଉଛନ୍ତି। ସଶକ୍ତ ଓଡ଼ିଶା ଗଠନ ଦିଗରେ ଏହା ଏକ ମାଇଲ ଖୁଣ୍ଟ। ରାଜ୍ୟର ବିକାଶରେ ଯୁବଶକ୍ତିର ଉପଯୋଗ ପାଇଁ ରାଜ୍ୟରେ ସ୍ୱତନ୍ତ୍ର ଯୁବ ବଜେଟ୍ ଆସିବ। ୨୦୨୪ରୁ ୨୦୩୪ ଏହି ଦଶକ ହେବ ଯୁବଶକ୍ତି ପାଇଁ ସୁବର୍ଣ୍ଣ ଯୁଗ। ଯୁବ ବଜେଟ୍‌ରେ ଶିଳ୍ପ, ପୁଞ୍ଜି ବିନିଯୋଗ ଓ ନିଯୁକ୍ତି ତଥା ଦକ୍ଷତା ବିକାଶ ଉପରେ ଫୋକସ୍ ରହିବ। ୨୦୨୪ରୁ ୨୦୩୪ବର୍ଷ ମସିହା ଭିତରେ ଓଡ଼ିଶା ବିଶ୍ୱର ଦୃଷ୍ଟି ଆକର୍ଷଣ କରିବ। ୨୦୩୬ ମସିହା ବେଳକୁ ସମଗ୍ର ବିଶ୍ୱରେ ଓଡ଼ିଶା ନମ୍ବର-୧ହୋଇ ସାରିଥିବ। ବାସ୍ ଏଭଳି ବାର୍ତ୍ତା ମଞ୍ଚରେ ଲାଗିଥିବା ଏଲଇଡିରେ ପ୍ରଦର୍ଶିତ ହେଉଥିଲା। ନବୀନ ହେଉଛନ୍ତି ୫-ଟି ରୂପାନ୍ତରଣ ଗ୍ୟାରେଣ୍ଟି ଶୀର୍ଷକ ଥିବା ଅନେକ ପ୍ରଦର୍ଶିତ ଭିଡ଼ିଓ କର୍ମୀଙ୍କ ହୃଦୟ ଜିଣିଥିବାର ଦେଖିବାକୁ ମିଳିଥିଲା।

### ରୂପାନ୍ତରଣ ପଥରେ 'କଟକ'

ଐତିହାସିକ କଟକ ସହର ଏବେ ରୂପାନ୍ତରଣ ପଥରେ ଆଗେଇ ଚାଲିଛି। ରାଜ୍ୟ ସରକାର ରୌପ୍ୟନଗରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଜନ୍ମମାଟିର ରୂପାନ୍ତରଣ ନିମନ୍ତେ ୫ହଜାର କୋଟି ଟଙ୍କାର ସ୍ମାର୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ଏବେ ଆର୍ନ୍ତଜାତୀୟ ମାନଚିତ୍ରରେ ରୌପ୍ୟନଗରୀର ରୂପରେଖ ଝଲସୁଛି। ଏସ୍‌ସିବି ଏମ୍‌ସ ପ୍ଲସ୍, ନେତାଜୀ ବସ୍ ଟର୍ମିନାଲ୍, ୬ଲେନ୍ ବିଶିଷ୍ଟ ରିଂରୋଡ୍, ତାଳଦଣ୍ଡା କେନାଲ୍ ୨ପାଶ୍ୱର୍ ରାସ୍ତା, ତାଳଦଣ୍ଡାରେ ୧୨ଟି ପୋଲ, ତାଳଦଣ୍ଡାରେ ସିନ୍ଥେଟିକ୍ ୱାଲ୍, କାଠଯୋଡି-ତ୍ରିଶୂଳିଆ ଦ୍ୱିତୀୟ ସେତୁ, କାଠଯୋଡି-ତ୍ରିଶୁଳିଆ ପ୍ରଥମ ସେତୁ, ଶିଖରପୁର-ଚହଟା ୬ଲେନ୍ ରିଂ ବନ୍ଧ ରାସ୍ତା ନିର୍ମାଣ, ମଧୁ ସେତୁ ଓ ବକ୍ସଡ୍ରେନ୍ ନିର୍ମାଣ ଭଳି ରୂପାନ୍ତରଣକୁ ଯିଏ ଦେଖିବ ଆଖି ଝଲସିଯିବ। ତେବେ ଏଭଳି ରୂପାନ୍ତରଣ ଭିଡ଼ିଓକୁ ଆଜି ପ୍ରଦର୍ଶିତ କରାଯାଇଥିଲା। ସଭା ପୂର୍ବରୁ ଏକ ଭିଡିଓ ମାଧ୍ୟମରେ ଉପସ୍ଥିତ ହଜାର ହଜାର କର୍ମୀଙ୍କୁ 'ରୂପାନ୍ତରଣ ପଥରେ କଟକ'ର ଦୃଶ୍ୟ ଦେଖିଥିଲେ।

### ନବୀନ ପଟ୍ଟନାୟକ ଭଲ କି? ହଁ

ଉପର ବାଲିଯାତ୍ରା ପଡ଼ିଆରେ ବୁଧବାର ଅପରାହ୍ନରେ ଆୟୋଜିତ ବିଜୁ ଜନତା ଦଳର ନିର୍ବାଚନୀ ସଭାରେ ମୁଖ୍ୟ ଆକର୍ଷଣ ଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କ ଅଭିଭାଷଣକୁ ହଜାରହଜାର ଜନତା ଅପେକ୍ଷା କରି ରହିଥିଲେ। ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ଭାଷଣ ପରେ ମୁଖ୍ୟମନ୍ତ୍ରୀ କିଛି ପ୍ରଶ୍ନ ଜରିଆରେ ଆରମ୍ଭ କରିଥିଲେ ନିଜ ଅଭିଭାଷଣ। ପ୍ରଥମ ପ୍ରଶ୍ନଥିଲା, ବିଏସ୍‌କେୱାଇ ଭଲ କି? ସମବେତ ସ୍ୱରରେ ଲୋକେ କହିଥିଲେ ହଁ। ପରେ ମିଶନ ଶକ୍ତି, ମୁକ୍ତା ଯୋଜନା, ୫-ଟି ସ୍କୁଲ, କାଳିଆ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା ଆଦି ଭଲ କି ବୋଲି ସେ ପ୍ରଶ୍ନ କରିଥିବା ବେଳେ ଲୋକଙ୍କ ଉତ୍ତର ମଧ୍ୟ 'ହଁ' ଆସିଥିଲା। ଏହା ପରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଚାରିଥିଲେ, ନବୀନ ପଟ୍ଟନାୟକ ଭଲ କି? ବିଜେଡି ସୁପ୍ରିମୋଙ୍କ ଏହି ପ୍ରଶ୍ନ ହାସ୍ୟରୋଳ ସୃଷ୍ଟି କରିଥିବା ବେଳେ ଜନତାଙ୍କ ମୁହଁରୁ 'ହଁ'ର ପ୍ରତିଧ୍ୱନି କିନ୍ତୁ ସଭାସ୍ଥଳକୁ କମ୍ପାଇ ଦେଇଥିଲା। ବିଜୁ ଜନତା ଦଳକୁ ଆଶୀର୍ବାଦ କରିବା ସହ ଶଙ୍ଖ ଚିହ୍ନରେ ମୋହର ମାରିବାକୁ ନବୀନ ଲୋକଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ବିରୋଧୀ ଦଳ ମିଛ କହୁଛନ୍ତି ବୋଲି ନବୀନ କହିଥିଲେ।

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଟକରେ ଏହା ପ୍ରଥମ କାର୍ଯ୍ୟକ୍ରମ ରହିଥିଲା। କଟକ ଲୋକସଭା ସଂସଦୀୟ କ୍ଷେତ୍ର ଅଧୀନର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀ ଉପସ୍ଥିତ ଥିଲେ। ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର, ବଡମ୍ବା ବିଧାୟକ ପ୍ରାର୍ଥୀ ଦେବୀ ମିଶ୍ର, ଆଠଗଡ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ସଦର ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା, ଖଣ୍ଡପଡା ବିଧାୟିକା ପ୍ରାର୍ଥିନୀ ସାବିତ୍ରୀ ପ୍ରଧାନ, ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକର ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ ଉପସ୍ଥିତ ରହି ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଯୋଡ଼ି ଶଙ୍ଖରେ ମୋହର ମାରିବାକୁ ନିବେଦନ କରିଥିଲେ। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। କଟକ ମେୟର ସୁବାସ ସିଂହ ଧନ୍ୟବାଦ ଦେଇଥିଲେ।



### ଭର୍ତ୍ତୃହରିଙ୍କୁ କାର୍ତ୍ତିକଙ୍କ ତେରଛା ବାଣ

## 'ମୁଖ୍ୟମନ୍ତ୍ରୀଙ୍କୁ ଅପମାନ କରିଛ; ଜନତା ଉତ୍ତର ଦେବେ'

**କଟକ,୨୨।୫(ସମିସ):** ବିଜେପିର କଟକ ଲୋକସଭା ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ମୁଖା ଖୋଲି ଦେଇଛନ୍ତି ବିଜୁ ଜନତା ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ବୁଧବାର ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ନାମ ଉଚ୍ଚାରଣ ନକରି ଭର୍ତ୍ତୃହରିଙ୍କ କାର୍ଯ୍ୟକଳାପର ସେ ପେଡି ଖୋଲିଥିଲେ। କୋଭିଡ ସମୟରେ ଓଡ଼ିଶା ୧୭ଟି ରାଜ୍ୟକୁ ଅମ୍ଳଜାନ ଯୋଗାଇ ଲକ୍ଷଲକ୍ଷ ପରିବାରର ଜୀବନ ବଞ୍ଚାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା ଯୋଗୁଁ ଅନେକ ଲୋକଙ୍କ ଜୀବନ ରକ୍ଷା ହୋଇଥିଲା। ହଜାର ହଜାର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ଜନପ୍ରତିନିଧି ନିଜ ଜୀବନକୁ ପାଣି ଛଡାଇ ଲୋକଙ୍କ ଜୀବନ ରକ୍ଷା କରିଥିଲେ। ହେଲେ ୬ ଥର ସାଂସଦ ହୋଇଥିବା ବ୍ୟକ୍ତି ଜଣକ ସଂସଦରେ ଓଡ଼ିଶାର ଅବଦାନ କଥା ଉପସ୍ଥାପନ କରିନଥିଲେ। ଓଡ଼ିଶାର ଅବଦାନକୁ ଭୁଲି ଯାଇଥିଲେ। କୋଭିଡ ମୁକାବିଲାରେ ଭାରତ ସରକାର ଅନେକ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ। ଭାରତୀୟ ଜନତା ପାର୍ଟିର ଅବଦାନ କଥା ବର୍ଣ୍ଣନା କରିଥିଲେ ସୁଦ୍ଧା ସାଢ଼େ ଚାରି କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ଥରେ ମାତ୍ର ଉଚ୍ଚାରଣ କରିନଥିଲେ। ବିଜୁ ଜନତା ଦଳର ସଦସ୍ୟ ହୋଇ ଦଳ କଥା ଉଠାଇ ନଥିଲେ। ଏହା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏକ ଅପମାନ। ୬ ଥର ସାଂସଦ ହେବା ପଛରେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ରହିଛି। ଏଣୁ ଆଗାମୀ ସାଧାରଣ ନିର୍ବାଚନରେ ଜନତା ଏହାର ଉତ୍ତର ଦେବେ ବୋଲି କାର୍ତ୍ତିକ କହିଛନ୍ତି।

ଡିସେମ୍ବର ୨ ତାରିଖରେ ୟୁଟ୍ୟୁବରେ ଅପଲୋଡ୍ ହୋଇଥିବା

#### ଏବେ ନୁହେଁ, ବହୁ ଆଗରୁ ସେ ଦଳ ଛାଡି ସାରିଥିଲେ

ଏକ ଭିଡିଓ ଦେଖିବା ନିମନ୍ତେ ମଞ୍ଚରେ ଘୋଷଣା କରିଥିଲେ କାର୍ତ୍ତିକ। ପ୍ରାୟ ୨୦ମିନିଟର ଏହି ଭିଡିଓ। ସଂସଦ ମଧ୍ୟରେ ଭର୍ତ୍ତୃହରିଙ୍କ ଭାଷଣ ଭିଡିଓରେ ରହିଛି। ଏହାର ଉଦାହରଣ ଦେଇ କାର୍ତ୍ତିକ କହିଥିଲେ ଯେ, କୋଭିଡ ମୁକାବିଲା କ୍ଷେତ୍ରରେ ସମଗ୍ର ଭାରତରେ ଓଡ଼ିଶା ୧ ନମ୍ବର। କିନ୍ତୁ କଟକରୁ ଲଗାତାର ୬ଥର ସାଂସଦ ହୋଇଥିବା ବ୍ୟକ୍ତି ଜଣକ ଓଡ଼ିଶା କିମ୍ବା ମୁଖ୍ୟମନ୍ତ୍ରୀଙ୍କ ନାମ ଥରେ ହେଲେ ଉଚ୍ଚାରଣ କରିନଥିଲେ। ତାଙ୍କ ଭାଷଣରେ କେବଳ କେନ୍ଦ୍ର ସରକାରଙ୍କ ପ୍ରଶଂସା ଥିଲା। ସେଦିନ ତାଙ୍କ ସହ କଥା ହୋଇଥିଲି। ଏହା ପରେ ଜଣା ପଡ଼ିଯାଇଥିଲା ଯେ, ସାଂସଦ ଜଣକ ବିଜୁ ଜନତା ଦଳ ସହିତ କେବଳ ଫିଜିକାଲି ଅଛନ୍ତି ହେଲେ ହୃଦୟରୁ ନାହାନ୍ତି। ଏବେ ସେ ଦଳ ଛାଡ଼ିଛନ୍ତି ବୋଲି କୁହାଯାଇଛି। କିନ୍ତୁ ସେ ବହୁ ଆଗରୁ ଦଳ ଛାଡ଼ି ସାରିଛନ୍ତି ବୋଲି କଟାକ୍ଷଭରା କଣ୍ଠରେ କହିଥିଲେ କାର୍ତ୍ତିକ। କାର୍ତ୍ତିକଙ୍କ ଏଭଳି ତେରଛା ବାଣକୁ ନେଇ ସଭାସ୍ଥଳ କରତାଳିରେ ଉଚ୍ଛୁଳି ପଡ଼ିଥିଲା। ବିଜୁ ଜନତା ଦଳ ପୁର୍ନବାର ସରକାର ଗଠନ କରିବା ପରେ ମଧ୍ୟବିତ୍ତ ପରିବାର ଲୋକଙ୍କ ନିମନ୍ତେ ରହିଥିବା ଯୋଜନା ବିଷୟରେ କାର୍ତ୍ତିକ କହିଥିଲେ। ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯିବ। କମ୍ ସୁଧରେ ଗୃହ ଋଣ, ଶିକ୍ଷା ଋଣ ଯୋଗାଇ ଦିଆଯିବ। ନୂଆ ଓ ଛାତ୍ରବୃତ୍ତି ରାଶିକୁ ବୃଦ୍ଧି କରାଯିବ ବୋଲି କାର୍ତ୍ତିକ ଘୋଷଣା କରିଥିଲେ।

## ଫଟୋଚିତ୍ର ଉପହାର ନେଲେ; ବିଶ୍ୱନାଥଙ୍କୁ ପୁରସ୍କାର ଦେଲେ

ଭିଡ ଭିତରେ ନବୀନ ପଟ୍ଟନାୟକଙ୍କ ଏକ ଫଟୋଚିତ୍ର ଧରି ଛିଡ଼ା ହୋଇଥିଲେ ଶେଖବଜାର ଅଞ୍ଚଳର ଯୁବକ ବିଶ୍ୱନାଥ ଦଳାଇ। ତାଙ୍କ ହାତ ତିଆରି ଏହି ଫଟୋଚିତ୍ରଟି ଅବିକଳ ନବୀନଙ୍କର ରହିଥିଲା। ମଞ୍ଚ ଠାରୁ ଦୂରରେ ଛିଡ଼ା ହୋଇଥିଲେ ସୁଦ୍ଧା ବିଜୁ ଜନତା ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ବିଶ୍ୱନାଥଙ୍କୁ ଦେଖି ମଞ୍ଚକୁ ଡାକିଥିଲେ। ଭିଡ ଭିତରୁ ବିଶ୍ୱନାଥଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଅଧିକାରୀମାନେ ମଞ୍ଚ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। କିଛି କ୍ଷଣ ନିମନ୍ତେ ସଭା କାର୍ଯ୍ୟ ବନ୍ଦ ରହିଥିଲା। ବିଶ୍ୱନାଥଙ୍କୁ ପାଖକୁ ଡାକି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ଠାରୁ ଫଟୋଚିତ୍ରକୁ ଗ୍ରହଣ କରିଥିଲେ। ସେ ଏହା ନିଜେ ଆଙ୍କିଛନ୍ତି କି ନାହିଁ ପଚାରିଥିଲେ ନବୀନ। ବିଶ୍ୱନାଥଙ୍କ କଳାକୃତିକୁ ପ୍ରଶଂସା କରିବା ସହ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜେକେବିକେ ମହାବିଦ୍ୟାଳୟରେ ସ୍ନାତକ ପଢୁଥିବା ବିଶ୍ୱନାଥ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ଏତେ ନିକଟରୁ କେବେ ଦେଖିନଥିଲି। ମୁଖ୍ୟମନ୍ତ୍ରୀ କଟକ ଆସୁଛନ୍ତି ବୋଲି ଗତକାଲି ଜାଣିବାକୁ ପାଇଥିଲି। ୬ ଘଣ୍ଟା ପରିଶ୍ରମ କରି ଚିତ୍ରଟି ଆଙ୍କିଥିଲି। ଏହାର ଫଳ ମୋତେ ମିଳିଛି ବୋଲି ବିଶ୍ୱନାଥ କୁହନ୍ତି। ଏହାଛଡ଼ା ଚିତ୍ର ଧରି ସଭାସ୍ଥଳକୁ ଆସିବା ପୂର୍ବରୁ ତାଙ୍କୁ କିଛି ବିରୋଧୀଙ୍କ କଟାକ୍ଷର ଶିକାର ହେବାକୁ ପଡିଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଜଣେ ହୃଦୟବାନ ବ୍ୟକ୍ତି। ଛାତ୍ରଛାତ୍ରୀଙ୍କ ନିମନ୍ତେ ସେ ଅନେକ ଯୋଜନା କରିଛନ୍ତି। ସେ ଯୁବପୀଢ଼ୀଙ୍କ ଶକ୍ତି ବୋଲି ବିଶ୍ୱନାଥ କୁହନ୍ତି।






## ଆଇ ଲଭ୍ ୫-ଟି

ମଞ୍ଚ ତଳେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଅଭୁତପୂର୍ବ ଭଲପାଇବା ଓ ସମର୍ଥନ। ସେମାନେ ହାତରେ 'ଆଇ ଲଭ୍ ୫-ଟି'କାର୍ଡ ଧରି କାର୍ତ୍ତିକ୍ ପାଣ୍ଡିଆନ୍‌ଙ୍କୁ ସ୍ୱାଗତ କରିଥିଲେ। ନୂଆ-ଓ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ା ନିମନ୍ତେ ଘୋଷଣା, ବିନା ସୁଧରେ ଋଣ , ଛାତ୍ର ବୃତ୍ତି ପ୍ରଦାନ ଠାରୁ ଆରମ୍ଭ କରି ୫-ଟିରେ ସମସ୍ତ ସରକାରୀ ସ୍କୁଲ ରୂପାନ୍ତରଣ ଭଳି କାର୍ଯ୍ୟ ନିମନ୍ତେ ରାଜ୍ୟର ସମସ୍ତ ଛାତ୍ରଗୋଷ୍ଠୀ ଉପକୃତ ହୋଇଛନ୍ତି। ଉପକୃତ ହେବା ପରେ ସେମାନଙ୍କ ଖୁସି ଜାହିର୍ କରିବାର ଦୃଶ୍ୟ ଆଜି ମଞ୍ଚ ତଳେ ଦେଖିବାକୁ ମିଳିଥିଲା। ଆଇ ଲଭ୍ ୫-ଟି...ଆଇ ଲଭ୍ ୫-ଟି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସଭାସ୍ଥଳୀ।

# ବିଦ୍ୟୁତ୍ ଆଘାତରେ ଦମ୍ପତି ମୃତ




**ବାରଙ୍ଗ,୨୨।୫(ସମିସ):** ବାରଙ୍ଗ ଥାନା ମଧୁବନ ଗ୍ରାମରେ ବୁଧବାର ଅପରାହ୍ଣରେ ବିଦ୍ୟୁତ ସଂସ୍ପର୍ଶରେ ଆସି ସ୍ୱାମୀ, ସ୍ତ୍ରୀଙ୍କର ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ ଯେ ଉକ୍ତ ଗ୍ରାମର ରାଜକିଶୋର ଖଟୁଆ (୫୮) ଘର ନିକଟରେ ଥିବା ବଗିଚାରେ କରିଥିବା ଫସଲରେ ପାଣି ଦେବା ପାଇଁ ମଟର ପମ୍ପ ନିକଟକୁ ଯାଇଥିଲେ। ପମ୍ପକୁ ଚାଲୁ କରୁଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ନିକଟରେ ଥିବା ପୋଖରୀରେ ପଡ଼ି ଯାଇଥିଲେ। ତାଙ୍କ ସ୍ତ୍ରୀ ସଂଯୁକ୍ତା ଖଟୁଆ (୫୫) ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଏ ସମ୍ପର୍କରେ ଜାଣିପାରି ତାଙ୍କ ଝିଅ ପମ୍ପଟିରୁ ସଂଯୋଗ ହୋଇଥିବା ବିଦ୍ୟୁତ ତାରଟିକୁ କାଢ଼ି ଦେଇଥିଲେ। ପରେ ତାଙ୍କ ବାପା ମା'ଙ୍କୁ ଚିକିତ୍ସା ନିମନ୍ତେ ବଡ଼ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

● ପାଞ୍ଚପଡା ଅଧିବାସୀଙ୍କ ଭୋଟ ବର୍ଜନ ଚେତାବନୀ

# ନିର୍ବାଚନରେ ଅଂଶଗ୍ରହଣ କରିବାକୁ ବୁଝାଇଲା ପ୍ରଶାସନ



**ବାଙ୍କୀ,୨୨।୫(ସମିସ):** ଡମପଡ଼ା-ଚନ୍ଦକା ଅଭୟାରଣ୍ୟ ମଧ୍ୟରେ ରହୁଥିବା ପାଞ୍ଚପଡ଼ା ଅଧିବାସୀଙ୍କ ସହ ବାଙ୍କୀ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଛି। ଡମପଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଂଶୁମାନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବେହେଡା ସାହି, ନୂଆକୂଅ, ଡାହାଣିଗାଡିଆ, ପିଠାଖିଆ, ଢ଼ୋଲକାଠ ପଡାର ଲୋକେ ଉପସ୍ଥିତ ଥିଲେ। ଏହି ସ୍ଥାନମାନଙ୍କର ଅଧିବାସୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବାରୁ ନିଜର ଦାବିପତ୍ର ମାଧ୍ୟମରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହିତ ଚଳିତ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ସମସ୍ୟାର ସମାଧାନ କରିବା ସହ ଚଳିତ ସାଧାରଣ ନିର୍ବାଚନରେ ପାଞ୍ଚପଡାର ଅଧିବାସୀମାନେ ଯେପରି ନିଜର ମତଦାନ ସାବ୍ୟସ୍ତ କରିବେ ସେ ନେଇ ପ୍ରଶାସନ ଆଲୋଚନା କରିଛି। ଡମପଡ଼ା ଅଭୟାରଣ୍ୟ ମଧ୍ୟରେ ସେମାନେ ରହୁଥିବାରୁ ଜଙ୍ଗଲ ଆଇନ ଅନୁଯାୟୀ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ତଥାପି ଡମପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଦାଶ ଏହି ସମସ୍ୟା ସଂପର୍କରେ ସେମାନଙ୍କ ସହ ଆଲୋଚନା କରିବା ସହ ଆଗାମୀ ଭବିଷ୍ୟତରେ ସମସ୍ୟାର ଯେପରି ସମାଧାନ ହୋଇପାରିବ ସେ ବିଷୟରେ ସେମାନଙ୍କୁ ଆଶ୍ୱସନା ପ୍ରଦାନ କରିଥିଲେ। ସାଧାରଣ ନିର୍ବାଚନରେ ଭୋଟ ବର୍ଜନ ନ କରି ଯେପରି ଗ୍ରାମବାସୀମାନେ ଗଣତନ୍ତ୍ରର ମହାପର୍ବ ନିର୍ବାଚନରେ ବହୁମାତ୍ରାରେ ସାମିଲ୍ ହେବା ସହ ନିର୍ବାଚନରେ ନିଜର ଭୋଟ ପ୍ରଦାନ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଡମପଡ଼ା ତହସିଲଦାର ସୁଚିସ୍ମିତା ଦାସ, ଗ୍ରାମ୍ୟପାନୀୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ବୈଷ୍ଣବ ମଲ୍ଲିକ, ଡମପଡ଼ା ବନବିଭାଗ ରେଞ୍ଜର, ସେକ୍ଟର ଅଫିସର ଓ ଡମପଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ସମେତ ଉପସ୍ଥିତ ଥିଲେ।

# ବିଜେଡିର ଆଶୀର୍ବାଦ ସମାବେଶ



**ନିଶ୍ଚିନ୍ତକୋଇଲି,୨୨।୫(ସମିସ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳ ପଞ୍ଚାୟତସ୍ତରୀୟ ବିଜେଡିର ଆଶୀର୍ବାଦ ସମାବେଶ ସ୍ଥାନୀୟ ଗୋରକ୍ଷଣୀ ପଡ଼ିଆରେ ଅନୁଷ୍ଠିତ ହୋଇଛି। ସରପଞ୍ଚ ତୃପ୍ତିମୟୀ ନାୟକଙ୍କ ସଭାପତିତ୍ୱ ଏବଂ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ସାହୁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ପଞ୍ଚାୟତର ଅଧିକ ବିକାଶ କରିବା ପାଇଁ ଚଳିତ ନିର୍ବାଚନରେ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ପଞ୍ଚାୟତବାସୀଙ୍କ ଆଶୀର୍ବାଦ କାମନା କରିଥିଲେ। ଏଥିରେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ଯୁବଶକ୍ତିଙ୍କୁ ରୋଜଗାରକ୍ଷମ କରିବା ପାଇଁ କୌଶଳ ଶିକ୍ଷା ନିମନ୍ତେ ୧୦୦କୋଟି ଟଙ୍କାର ବଜେଟ୍ କରାଯିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପେନସନ୍ ବ୍ୟବସ୍ଥା ଏବଂ ୯୦ ପ୍ରତିଶତ ଲୋକଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, କିଟ୍‌ର ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ପ୍ରମୋଦ ସାହୁ, ପୂର୍ବତନ ସରପଞ୍ଚ ଅନ୍ନଦାପ୍ରସାଦ ନାୟକ, ସମିତିସଭ୍ୟା ଇମ୍ରାନ୍ ଖାଁ, ନାଏବ ସରପଞ୍ଚ ଇତିଶ୍ରୀ ନାୟକ, ଶିକ୍ଷାବିତ୍ ଧରଣୀଧର ବେହେରା, ପୁରୁଷୋତ୍ତମ ଦାସ ପ୍ରମୁଖ ଯୋଗଦେଇଥିଲେ।

ବିଜେପିର ନୀତି ନିର୍ଦ୍ଧାରଣରେ ଅଣନିଃଶ୍ୱାସୀ କର୍ମୀ

# ସଂତୃପ୍ତ ଓ ଚନ୍ଦ୍ରସାରଥିଙ୍କ ପ୍ରତି ବଢ଼ୁଛି ସମର୍ଥନ

**ଫୁଲନଖରା,୨୨।୫(ସମିସ)**




କଟକ ସଦର ନିର୍ବାଚନ ମଣ୍ଡଳୀରେ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀ ନିଜର ଶକ୍ତି ପ୍ରଦର୍ଶନ କରିବାକୁ ଯାଇ ବିଭିନ୍ନ ଅଞ୍ଚଳରେ ରୋଡ ସୋ' ଠାରୁ ଆରମ୍ଭ କରି ବାଇକ୍ ରାଲି ମାଧ୍ୟମରେ ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାରେ ବ୍ୟସ୍ତ। ପ୍ରମୁଖ ୩ଟି ଦଳର ରାଲି ଗୁଡିକ ଦେଖିଲେ ବିଜେଡି ସର୍ବାଗ୍ରେ ରହିଥିବାର ଦୃଷ୍ଟିଗୋଚର ହେଉଛି। ନିର୍ବାଚନ ଘୋଷଣା ପୂର୍ବରୁ କଟକ ସଦର ନିର୍ବାଚନ ମଣ୍ଡଳୀରେ ବିଜେପି ଦଳର ଦୁଇଦୁଇ ଥର ପରାଜିତ ପ୍ରାର୍ଥୀ ଦିଲ୍ଲୀପ ମଲ୍ଲିକଙ୍କ ନେତୃତ୍ୱ ଓ ସାଂଗଠନିକ କାର୍ଯ୍ୟକ୍ରମ କର୍ମୀମାନଙ୍କ ମନରେ ଉତ୍ସାହ ସୃଷ୍ଟି କରିପାରିଥିଲା। ଗୋଟିଏ ଲକ୍ଷ୍ୟ ନେଇ ସାଂଗଠନିକ କର୍ମକର୍ତ୍ତାମାନେ ଆପ୍ରାଣ ଉଦ୍ୟମ କରିଥିଲେ ସଦରରେ ଏଥର ପଦ୍ମଫୁଲ ଫୁଟାଇବା ପାଇଁ। ନିର୍ବାଚନ ଘୋଷଣାର ବର୍ଷକ ପୂର୍ବରୁ ଗୋଟିଏ ଗୋଷ୍ଠୀ ପ୍ରଦୀପ ବେହେରାଙ୍କୁ ଧରି ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ବେଳେ ସାମାଜିକ ସଂଗଠନ ମାଧ୍ୟମରେ ପରିଚିତ ପ୍ରକାଶ ସେଠୀ କିଛି ଦଳୀୟ କର୍ମୀ ଓ ସଂଗଠନର କର୍ମକର୍ତ୍ତାଙ୍କୁ ଧରି କାର୍ଯ୍ୟକ୍ରମ କରୁଥିବାର ଦେଖିବାକୁ ମିଳୁଥିଲା। ବିଜେପି ଦଳର ଛାମୁଆ କର୍ମୀମାନେ ପ୍ରଦୀପ ବେହେରାଙ୍କୁ ସଦର ଅଞ୍ଚଳରେ ବିଜେପି ପ୍ରାର୍ଥୀ ଭାବରେ ଦେଖିବାକୁ ଅଣ୍ଟା ଭିଡିଥିବା ବେଳେ ପ୍ରକାଶ ସେଠୀ ବିଜେପି ଟିକେଟ ପାଇଯିବା ଫଳରେ ସେମାନଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଥିଲା। କିଛି ଦିନ ନୀରବ ରହିବା ଏବଂ ଦଳର ସର୍ବୋଚ୍ଚଙ୍କ କାର୍ଯ୍ୟକଳାପରେ ଅଣନିଃଶ୍ୱାସୀ ହୋଇ କେତେକ ଦଳ ଛାଡି ମୁଖ୍ୟମନ୍ତ୍ରୀଙ୍କ ବିକାଶ ସ୍ରୋତରେ ନିଜକୁ ସାମିଲ କରିଛନ୍ତି। ଯେଉଁମାନେ ଦଶବର୍ଷ ଧରି ପରିଶ୍ରମ କରି ସଂଗଠନକୁ ମଜବୁତ୍ କରିବାରେ ଆପ୍ରାଣ ଉଦ୍ୟମ କରିଥିଲେ ସେମାନଙ୍କ ମନରେ ଗଭୀର ଆଘାତ ଲାଗିଛି ବୋଲି କେତେକ କର୍ମୀ ନିଜ ମତ ରଖିବା ସହ ଚଳିତ ନିର୍ବାଚନରେ ନୀରବଦ୍ରଷ୍ଟା ସାଜିବାକୁ ଏକ ପ୍ରକାର ବାଧ୍ୟ ହୋଇଛନ୍ତି। କଥାରେ ନୁହେଁ କାମରେ ବିଶ୍ୱାସ କରୁଥିବା ଦୁଇ ଦୁଇ ଥର ସଦର ନର୍ବାଚନ ମଣ୍ଡଳୀରେ ନିର୍ବାଚିତ ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା ସଦର ଅଞ୍ଚଳର ଲୋକମାନଙ୍କ ସହିତ ରହି ବିଭିନ୍ନ ଯୋଜନାର ସଫଳ ରୂପାୟନ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତାଘାଟର ଉନ୍ନତି ଆଣି ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇ ପାରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଉପକୃତ ହେଉଥିବା ହିତାଧିକାରୀମାନଙ୍କୁ ଦୃଷ୍ଟିରେ ରଖି ନିର୍ବାଚନ ପରେ ବିଜେଡି ସରକାର ତରଫରୁ ଘୋଷଣା କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡ ସରକାରୀ ହେଉ ବା ବେସରକାରୀ ସବୁ ବର୍ଗର ଜନସାଧାରଣଙ୍କୁ ପ୍ରଦାନ କରାଯିବା, ମଧ୍ୟବିତ୍ତ ପରିବାରଙ୍କ ପାଇଁ ସ୍ୱଳ୍ପ ସୁଧ ହାରରେ ଗୃହ ନିର୍ମାଣ ଋଣ ପ୍ରଦାନ ଏବଂ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଛାଡ ଘୋଷଣା ପରେ ସାଧାରଣ ଜନତାଙ୍କ ନବୀନ ସରକାର ଆହୁରି ବିଶ୍ୱାସଭାଜନ ହେଉଥିବାର ସଦର ଅଞ୍ଚଳରେ ପରିଲକ୍ଷିତ ହେଉଛି। ବାହାଘର ବେଳେ ବାଇଗଣ ରୁଆ ନୀତି ଆପଣେଇ ବହୁ ପୁରାତନ ଜାତୀୟ ଦଳ ଭାବରେ ନିଜକୁ ପ୍ରତିଷ୍ଠିତ କରିଥିବା କଂଗ୍ରେସ ଦଳ ଓଡ଼ିଶା ରାଜନୀତିରେ ନିଜର ସ୍ଥିତି ଏକ ପ୍ରକାର ହରାଇ ବସିଛି। ଜାତୀୟ ଦଳ ହୋଇଥିଲେ ସୁଦ୍ଧା ଓଡ଼ିଶା ରାଜନୀତିରେ ଥରକୁ ଥର ଭୋଟ ହାର କମିବାରେ ଲାଗିଛି। ଏଥିପାଇଁ କେବଳ ଓଡ଼ିଶାର ନେତୃବୃନ୍ଦ ନୁହଁନ୍ତି ଜାତୀୟସ୍ତରର ନେତାମାନେ ମଧ ଦାୟୀ। ସେହିଭଳି ଦେଖିବାକୁ ଗଲେ କଟକ ସଂସଦୀୟ କ୍ଷେତ୍ରରେ ଭର୍ତ୍ତୃହରି ମହତାବ ୩୦ବର୍ଷ ଗୋଟିଏ ଦଳରୁ ନିର୍ବାଚିତ ହେବା ପରେ ଚଳିତ ନିର୍ବାଚନରେ ବିଜେପିର ମଙ୍ଗ ଧରିଛନ୍ତି। ବିଜେଡି ଦଳରେ ଥିବା ବେଳେ ଯେଉଁ କର୍ମୀମାନେ ତାଙ୍କ ସହିତ ଜଡିତ ଥିଲେ ସେମାନେ ଏବେ ନିଜକୁ ବିଜେପିରେ ସାମିଲ କରିବାକୁ ପସନ୍ଦ କରୁନାହାଁନ୍ତି। ବିଜେଡିର ସାଂସଦ ଥିବାବେଳେ ନିଜ ସଂସଦୀୟ କ୍ଷେତ୍ରରେ ସାଧାରଣ ଜନତା ଯାହାଙ୍କୁ ଦେଖିବା ସ୍ୱପ୍ନ ଥିଲା ସେଭଳି ନେତା ବିଜେପିରେ ରହି କେତେଦୂର ସକ୍ରୀୟ ରହିବେ ସାଧାରଣ ଭୋଟରଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। 'ଅଚ୍ଛା ଦିନ୍ ଆୟେଗା' ସରକାରର ଫମ୍ପା ପ୍ରତିଶ୍ରୁତି ଅପେକ୍ଷା ପ୍ରତିଶ୍ରୁତିବଦ୍ଧତା ବିଜେଡି ସରକାର ପ୍ରତି ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ଆସ୍ଥା ପ୍ରକଟ କରୁଥିବା ରୋଡ ସୋ', ସଭାସମିତି ଓ କର୍ମୀ ସମ୍ମିଳନୀ ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହେଉଛି। ଏତଦ୍ ବ୍ୟତୀତ ରାଜନୀତି କ୍ଷେତ୍ରରେ ନବାଗତ ହେଲେ ମଧ କେବଳ ବିକାଶ ନୁହେଁ ପୂର୍ଣ୍ଣାଙ୍ଗ ବିକାଶ ଉପରେ ଗୁରୁତ୍ୱାରୋପ କରୁଥିବା ଡ. ସଂତୃପ୍ତ ମିଶ୍ର ପରିପକ୍ୱ ରାଜନୀତିଜ୍ଞ ଭାବରେ ଜନସାଧାରଣଙ୍କୁ ନିଜ ସପକ୍ଷରେ ପ୍ରଭାବିତ କରିବା ଦେଖିବାକୁ ମିଳୁଛି। ଡ.ମିଶ୍ରଙ୍କର ସରଳ ସ୍ୱଭାବ, ଦେଶ ବିଦେଶରୁ ସାଉଁଟିଥିବା ଅଭିଜ୍ଞତା, ସଂସଦୀୟ କ୍ଷେତ୍ରକୁ ବିକାଶମୁଖୀ କରିବାର ସଂକଳ୍ପବଦ୍ଧତା, ନିମ୍ନ ବର୍ଗରୁ ଉଚ୍ଚ ବର୍ଗ ପର୍ଯ୍ୟନ୍ତ ସମସ୍ତଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିବାର ଚିନ୍ତନ ଭୋଟରଙ୍କୁ ଆକୃଷ୍ଟ କରିପାରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ବାଙ୍କୀ ଏନଏସିରେ ବିଜେଡି ପ୍ରାର୍ଥୀଙ୍କ ପଦଯାତ୍ରା



**ବାଙ୍କୀ,୨୨।୫(ସମିସ):** ବିଜେଡିର ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଆଜି ବାଙ୍କୀ ଏନଏସି ଅଞ୍ଚଳର ୧୧ନମ୍ବର ୱାର୍ଡ ମନ୍ଦିର ସାହି ଓ ଭୋଇ ସାହିରେ ଘରକୁ ଘର ବୁଲି ପଦଯାତ୍ରା କରି ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ପୂର୍ବତନ କାଉନସିଲର ସାଗରିକା ରଣା, ବେଣୁଧର ରଣା, ଦିଲ୍ଲୀପ କୁମାର ମହାପାତ୍ର, ସୁଧୀର ରଣା, ସୁରେନ୍ ରଣା, ପ୍ରଦୀପ ପୃଷ୍ଟି ପ୍ରମୁଖ ଏହି ପଦଯାତ୍ରାରେ ଉପସ୍ଥିତ ଥିଲେ। ସେହିପରି ୱାର୍ଡ ନମ୍ବର ୧୦ ବାଙ୍କୀ ବଜାର ଅଞ୍ଚଳରେ ଭୋଟ ପ୍ରଚାର କରାଯାଇଥିଲା। ନଗରପାଳ ମାଣିକ ସାହୁ, କାଉନସିଲର ରାଜେନ୍ଦ୍ର ମହାପାତ୍ର, ପୂର୍ବତନ କାଉନସିଲର ସ୍ନେହାଞ୍ଜଳି ମହାପାତ୍ର, ପ୍ରଦୀପ ପ୍ରଧାନ, କାଶିନାଥ ପ୍ରଧାନ, ସଞ୍ଜୟ ପ୍ରଧାନ, ଅନୁପମ ବଥୁଆଲ୍, ଜିତେନ ମହାପାତ୍ର, ଅଜୟ ପରିଡା, ଉତ୍ପଳ ପଟ୍ଟନାୟକ, ଅନନ୍ଦ ବଥୁଆଲ୍, ଶମ୍ଭୁଭୁତ୍ ପ୍ରମୁଖ ଘରକୁ ଘର ବୁଲି ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଓ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ଯୋଡି ଶଙ୍ଖ ଚିହ୍ନରେ ଭୋଟ ଦେଇ ନିର୍ବାଚିତ କରାଇବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଅପରାହ୍ଣରେ ୱାର୍ଡ ନମ୍ବର ୫ ବେଦପୁର ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ କର୍ମୀମାନେ ଘରକୁ ଘର ବୁଲି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଓ ସାଂସଦ ପ୍ରାର୍ଥୀ ଡକ୍ଟର ସଂତୃପ୍ତ ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥିରେ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ ରଣା, କାଉନସିଲର ରାଜେନ୍ଦ୍ର ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ସନାତନ ବେହେରା, ଛାତ୍ର ବିଜେଡି ସଭାପତି ବ୍ରଜବଲ୍ଲଭ କର, ବ୍ରଜକିଶୋର ବେହେରା, ବିରଞ୍ଚି ବେହେରା, ଜୟଶ୍ରୀ ପତି, ବେଣୁଧର କର, ପ୍ରିୟମ୍ବଦା ପଣ୍ଡା, ରଜତ ସ୍ୱରୂପ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ବିଜେଡି ପ୍ରାର୍ଥୀମାନଙ୍କ ନିମନ୍ତେ ଭୋଟ ଭିକ୍ଷା କରିଥିଲେ।

ଚୌଦ୍ୱାର - କଟକ ବିଧାନସଭା କ୍ଷେତ୍ର

# ଦ୍ୱିତୀୟ ବିଜୟ ଲକ୍ଷ୍ୟରେ ସୌଭିକ

**କଟକ,୨୨।୫(ସମିସ)**



ଆଉ ପ୍ରସଙ୍ଗ ହୋଇ ରହିନାହିଁ ଓଟିଏମ

ନିର୍ବାଚନ ଆସିଲେ ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ବିରୋଧୀ ଦଳ ଓଟିଏମକୁ ଏକ ବଡ ପ୍ରସଂଗ କରିଥାନ୍ତି। ଏହା ଶାସକ ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଥାଏ। ତେବେ ଏଥର ବିରୋଧୀଙ୍କ ହାତରେ ଆଉ ଏହି ପ୍ରସଙ୍ଗ ନାହିଁ। ଓଟିଏମ ନୂଆ ରୂପ ନେବାକୁ ଯାଉଥିବା ବେଳେ ଓଟିଏମ ଭିତ୍ତିଭୂମି ଉପରେ ୱେଲସ୍ପନ ଟେକ୍ସଟାଇଲ ଲିଭିଂ ଲିମିଟେଡ କମ୍ପାନୀ ପକ୍ଷରୁ ଏକ ଟେକ୍ସଟାଇଲ ପାର୍କ ହେବାକୁ ଯାଉଛି। ଏପରିକି ମୁଖ୍ୟମନ୍ତ୍ରୀ ମଧ ଏହାର ଶୁଭ ଦେଇସାରିଛନ୍ତି। ଏହି କମ୍ପାନୀରେ ୩୦ହଜାର ନିଯୁକ୍ତି ସୁଯୋଗ ମଧ ସୃଷ୍ଟି ହେବ ବୋଲି କୁହାଯାଇସାରିଛି। ଏପରିକି ଓଟିଏମ କର୍ମଚାରୀଙ୍କୁ ମଧ ପ୍ରାୟ ୧୫୦ କୋଟି ବକେୟା ପ୍ରାପ୍ୟ ମିଳିପାରିଛି। ଏଣୁ ଏହା ବିଜେଡି ପ୍ରାର୍ଥୀଙ୍କ ପାଇଁ ଚଳିତ ନିର୍ବାଚନରେ ଏକ ବଡ ଆଧାର ହୋଇଛି। ଏଠାରେ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ ଦ୍ୱିତୀୟ ଥର ପାଇଁ ବିଜୟୀ ହେବାକୁ ଆଶାବାଦୀ ହୋଇଛନ୍ତି। ଗୋଟିଏପଟରେ ଚୌଦ୍ୱାର-କଟକରେ ଉପରୋକ୍ତ ପ୍ରସଂଗକୁ ନେଇ ବିଗତ ନିର୍ବାଚନ ଗୁଡିକରେ କଂଗ୍ରେସ ପ୍ରାର୍ଥୀ ମୀରା ମଲ୍ଲିକ ରାଜନୀତିର ସ୍ୱାଧିନ ପ୍ରାର୍ଥୀ ହୋଇଆସୁଥିବା ଦୀପକ ବାରିକ ଏଥର କିନ୍ତୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିଲେ। ଅନ୍ୟପଟରେ ବିଜେଡି ପ୍ରାର୍ଥୀ ସୌଭିକଙ୍କ ବିପକ୍ଷରେ ବିଜେପି ପ୍ରାର୍ଥୀ ହୋଇଥିବା ନୟନ କିଶୋର ମହାନ୍ତି ୫ଥର ବିଜେପି ଟିକେଟରେ ନିର୍ବାଚନ ଲଢି ପରାଜିତ ହୋଇଥିବାରୁ କର୍ମୀ ମହଲରେ ତାଙ୍କର ଗ୍ରହଣୀୟତା ନେଇ ପ୍ରଶ୍ନ ଉଠିଛି। ଗୋଟିଏପଟରେ ନୟନଙ୍କ ଟିକଟକୁ ନେଇ ବିଜେପିରେ ସୃଷ୍ଟି ହୋଇଥିବା ଗୋଷ୍ଠୀ କନ୍ଦଳ କାହାରିକୁ ଅଛପା ନାହିଁ। କଂଗ୍ରେସର ଦୁର୍ବଳ ସଂଗଠନ ମଧ ଏହି ନିର୍ବାଚନମଣ୍ଡଳୀରେ ବେଶ ଚିନ୍ତାଜନକ ରହିଛି। ଯାହା ବିଗତ ନିର୍ବାଚନ ଫଳ ରେକର୍ଡରୁ ସ୍ପଷ୍ଟ ହୋଇଛି। କଂଗ୍ରେସ ପ୍ରାର୍ଥୀ ମୀରା ମଲ୍ଲିକ ରାଜନୀତିର ମଇଦାନରେ ନୂଆ ହୋଇଥିବା ବେଳେ ତାଙ୍କ ପାଇଁ ଏହି ନିର୍ବାଚନ ଚାଲେଞ୍ଜ ହୋଇଛି। ବିଗତ ରେକର୍ଡକୁ ଅନୁଧ୍ୟାନ କରିଲେ ଜଣାଯାଏ ଯେ, ଏହି ନିର୍ବାଚନ ମଣ୍ଡଳୀଟି ଗତ ୨୦୦୪ମସିହାରୁ ବିଜୁ ଜନତା ଦଳ ଅକ୍ତିଆରରେ ରହିଆସିଛି। ୨୦୦୯,୨୦୧୪ ଓ ୨୦୧୯ରେ ବିଜେପି ପ୍ରାର୍ଥୀ ହୋଇ ନୟନ କିଶୋର ମହାନ୍ତି ହ୍ୟାଟ୍ରିକ ପରାଜୟ ବରଣ କରିଥିଲେ। ୨୦୦୯ରେ କଂଗ୍ରେସର ପ୍ରାର୍ଥୀ ହୋଇ ମାତ୍ର ୮୪୯୮ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ସେହିପରି ୨୦୧୯ରେ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବା ଜଗଦୀଶ ଚନ୍ଦ୍ର ମହାନ୍ତିଙ୍କୁ ମିଳିଥିଲା ମାତ୍ର ୬୮୯୨ଭୋଟ। ଗତ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ ୬୬୩୮୬ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ୪୪୨୮୩ଖଣ୍ଡ ଭୋଟ ପାଇଥିଲେ। ପ୍ରାୟ ୨୨ହଜାର ଭୋଟ ବ୍ୟବଧାନରେ ଜିତିଥିଲେ ସୌଭିକ।

# ବାକି ନ ଦେବାରୁ ଦୋକାନୀଙ୍କୁ ମାଡ଼

**ନରସଂହପୁର,୨୨।୫(ସମିସ):** ବାକି ନ ଦେବାରୁ ଦୋକାନୀଙ୍କୁ ମାଡ଼ ଅଭିଯୋଗ। ନରସିଂହପୁର ବ୍ଲକ ଅନ୍ତର୍ଗତ କମଳାଦେଇପୁର ନିକଟରେ ଥିବା ନାରାୟଣ ସାହୁଙ୍କ ଦୋକାନରେ ତାଙ୍କ ମାଉସୀ ପୁଅ ପ୍ରଦୀପ କୁମାର ବେହେରାଙ୍କୁ ବସାଇ ଘରକୁ ଖାଇବା ପାଇଁ ଯାଇଥିଲେ। ଏହି ସମୟରେ ତିନି ଜଣ ଯୁବକ ଆସି କିଛି ଜିନିଷ ବାକି ମାଗିଥିଲେ। ବାକି ଦେବା ପାଇଁ ପ୍ରଦୀପ ମନା କରିବାରୁ ତିନି ଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଆହତ ପ୍ରଦୀପ ଏବେ ଚିକିତ୍ସାଧୀନ ଅଛନ୍ତି।

● ବାଙ୍କୀ ନିର୍ବାଚନ ମଣ୍ଡଳି

# ୨୩୭ ବୁଥ୍‌ରେ ମତଦାନ କରିବେ ୨.୧୮ ଲକ୍ଷ ଭୋଟର

**ବାଙ୍କୀ,୨୨।୫(ସମିସ):** ଆସନ୍ତା ୨୫ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବାଙ୍କୀ ନିର୍ବାଚନ ମଣ୍ଡଳିରେ ସମୁଦାୟ ୨ଲକ୍ଷ ୧୮ହଜାର ୯୪୧ଜଣ ମତଦାତା ସମୁଦାୟ ୨୩୭ଟି ବୁଥ୍‌ରେ ସେମାନଙ୍କର ମତଦାନ କରିବେ। ସେଥିମଧ୍ୟରୁ ୧୧୩୬୬୧ ଜଣ ପୁରୁଷ, ୧୦୫୨୭୦ ମହିଳା ଓ ତୃତୀୟ ଲିଙ୍ଗ ୧୦ଜଣ ଅଛନ୍ତି। ଏଥିପାଇଁ ୨୫ଟି ସଖିବୁଥ୍, ୨ଟି ଯୁବ ପରିଚାଳନା କେନ୍ଦ୍ର ଏବଂ ୪ଟି ଇକୋଫ୍ରେଣ୍ଡଲି ବୁଥ୍, ୬ଟି ଏଥେନିକ୍ କେନ୍ଦ୍ର ଏବଂ ୩୭ଟି ଆଦର୍ଶ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି ବୋଲି ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।



## ଅଙ୍କିତ ପ୍ରତାପଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ମାହାଙ୍ଗା,୨୨।୫(ସମିସ):** ନିର୍ବାଚନୀ ପ୍ରଚାର ସମୟରେ ଅଙ୍କିତ ଘରକୁ ଘରକୁ ବୁଲି ପ୍ରଚାର କରିଥିବା ବେଳେ ଆଜି କୁଆଁପାଳ ବଜାର ଠାରେ ବହୁ କର୍ମୀଙ୍କ ଉପସ୍ଥିତିରେ ନିର୍ବାଚନୀ ପ୍ରଚାର କରିଥିଲେ। ସେହିପରି ମାହାଙ୍ଗା ବ୍ଲକ କୁଆଁପାଳ ବଜାର ଠାରେ ଇଲେଭେନ ଷ୍ଟାର କ୍ଲବ ତରଫରୁ ଅଙ୍କିତ ପ୍ରତାପଙ୍କୁ ପୁଷ୍ପମାଲ୍ୟ ଓ ପଗଡି ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଇଲେଭେନ ଷ୍ଟାର କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଅଙ୍କିତ ପ୍ରତାପଙ୍କୁ ସମର୍ଥନ ଜଣାଇଥିଲେ। ଏଥିରେ ସଭାପତି ଆଲୋକ ବାରିକ, ସମ୍ପାଦକ ବିକ୍ରମ ମହାନ୍ତି, ଯଚିନ୍ଦ୍ର ବିଶ୍ୱାଳ, ଧନେଶ୍ୱର ବେହେରା, ଦୀନବନ୍ଧୁ ସ୍ୱାଇଁ, ଦିବ୍ୟରଞ୍ଜନ ଦାସ, ଅଶୋକ ଦାସ, ବଳରାମ ରାଉତ, ଭରତଚନ୍ଦ୍ର ଦାସ, ଦୀପ୍ତି ରାଉତ, ଜୟପ୍ରକାଶ ଖୁଣ୍ଟିଆଙ୍କ ସମେତ କ୍ଲବ୍‌ର ବହୁ ସଭ୍ୟ ଉପସ୍ଥିତ ଥିଲେ।

## ଆମଣରେ ବିଶ୍ୱଶାନ୍ତି ମହାଯଜ୍ଞ

**କଟକ,୨୨।୫(ସମିସ):** ସଦର ଥାନା ଅନ୍ତର୍ଗତ ଆମଣ ଗ୍ରାମରେ ୫୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସ୍ଥିତ ଶ୍ରୀ ବରୁଣେଶ୍ୱର ମହାଦେବ, ଶ୍ରୀ ଗୋପୀନାଥ ଜୀଉ ଓ ମା କ୍ଷେତ୍ରପାଳିଙ୍କ ପୀଠସ୍ଥଳିରେ ଆୟୋଜିତ ଏହି ଯଜ୍ଞରେ ଶୁକ୍ରବାର ଗ୍ରାମବାସୀମାନେ ନିକଟସ୍ଥ ଚାମୁନା ପୋଖରୀରୁ ଜଳ କଳସ ଆଣି ଯଜ୍ଞ ପୀଠରେ ସ୍ଥାପନ କରିଥିଲେ। ଶନିବାର ଯଜ୍ଞାହୁତି ଓ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପର ଦିନ ଯଜ୍ଞାହୁତି ଓ ଗୋପାଳଙ୍କ ଲଉଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶେଷରେ ମଙ୍ଗଳବାରଠାରୁ ତିନି ଦିନ ଧରି ପାଲା ପରିବେଷଣ କରାଯିବ। କର୍ତ୍ତା ସୁକାନ୍ତଚନ୍ଦ୍ର ଭୋଳ ଓ କର୍ତ୍ତୀ ଭାବରେ ଅନିତା ଭୋଳ, ମୁଖ୍ୟପୂଜକ ନିହାର ରଞ୍ଜନ ପଣ୍ଡା ଓ ଅରୁଣ କୁମାର ଦାଶ କାର୍ଯ୍ୟ ସଂପାଦନ କରିଥିଲେ। ନିରଞ୍ଜନ ବେହେରା, ବିପ୍ରଚରଣ ଭୋଳ, ଲକ୍ଷ୍ମୀଧର ଭୋଳ, ଲଳିତେନ୍ଦୁ ଭୋଳ, ସରୋଜ ଭୋଳ, ବିରେନ ଭୋଳ, ବାବାଜି ଚରଣ ଭୋଳ, ପ୍ରଭାତ ସେନାପତି, ପର୍ଶୁରାମ ସେନାପତି ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଓ ହୋମଯଜ୍ଞ

**ମାହାଙ୍ଗା,୨୨।୫(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ହଂସଦିଆ (ଅଲାରପୁର) ଠାରେ ହନୁମାନ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ଓ ହନୁମାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, ଗୋପୂଜା, ସୂର୍ଯ୍ୟପୂଜା କଳସଯାତ୍ରା, ୧୦୮ ହନୁମାନ ଚାଳିଶା ଓ ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଦିଲୀପ କର, କର୍ତ୍ତୀ ଭାବେ ଚିନ୍ମୟୀ ଶତପଥି ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକଭାବେ ବରିଷ୍ଠ ପୂଜକ କୋ÷ଶିକ କୁମାର ପଣ୍ଡା, ରାମଚନ୍ଦ୍ର କର, ଭଗବାନ ପଣ୍ଡା, ଦେବପ୍ରସନ୍ନ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରୁଛନ୍ତି। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ହଂସିଦିଆ ଓ ଅଲାରପୁର ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବାଙ୍କୀ ବିଜେପି ପକ୍ଷରୁ ପ୍ରଚାର

**ବାଙ୍କୀ,୨୨।୫(ସମିସ):** ବାଙ୍କୀ ବିଜେପି ପକ୍ଷରୁ ବିଜେପି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱବଧାନରେ ୩୭ନମ୍ବର ଜୋନରେ ମୋଟର ସାଇକେଲ ଶୋଭାଯାତ୍ରାରେ ଘରକୁ ଘର ବୁଲି ଭୋଟ ପ୍ରଚାର କରାଯାଇଛି। କଟକ ଲୋକସଭା ବିଜେପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଏହି ଶୋଭାଯାତ୍ରାରେ ମୋଟର ସାଇକଲରେ ବୁଲି ଭୋଟ ପ୍ରଚାର କରିଥିଲେ। ଏହି ମୋଟର ସାଇକଲ ଶୋଭାଯାତ୍ରା, କରବର, ଶିମିଳିମୁର, ହରିରାଜପୁର, ବିଲିପଡା, ଗୋପାଳପୁର, ରଗଡି, ତୁଳସୀପୁର, ନରଗାଙ୍ଗ, ଢଁସର ପ୍ରଭୃତି ଅଞ୍ଚଳକୁ ଯାଇ ଘରକୁ ଘର ବୁଲି ଭୋଟ ପ୍ରଚାର କରିଥିଲେ। ଡମପଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସରୋଜ ମତଗଜ ସିଂହଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ବିଜେପି ଦଳର ବରିଷ୍ଠ ମଣ୍ଡଳ ସଭାପତି ବିପ୍ରବର ଲେଙ୍କା, ଗଣେଶ୍ୱର ଜେନା, ଲକ୍ଷ୍ମୀନାରାୟଣ ପଣ୍ଡା, ଲକ୍ଷ୍ମୀଧର ରାଉତ, ଦୁର୍ଯ୍ୟୋଧନ ସାହୁ, ଭାଗ୍ୟଧର ନାୟକ, ରବିନ୍ଦ୍ର ସାହୁଙ୍କ ସମେତ ଶହ ଶହ ସଂଖ୍ୟାରେ ବିଜେପିର ବରିଷ୍ଠ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# କଟକ ସଦର | ଗଡ଼ ରକ୍ଷା ପାଇଁ ବିଜେଡିର ଜୋର୍‌ଦାର୍ ପ୍ରୟାସ

**କଟକ,୨୨।୫(ସମିସ):** ଏବେ ସମଗ୍ର ଦେଶରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଉଥିଲା ବେଳେ ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। ଆସନ୍ତା ୨୫ତାରିଖ ଦିନ ଭୋଟ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଜୋରଦାର ହେଉଛି। ବିଶେଷ କରି ଗତ ୧୪ ତାରିଖ ଦିନ ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଦଳୀୟ ପ୍ରାର୍ଥୀଙ୍କ ପାଇଁ କନ୍ଦରପୁର ନିକଟବର୍ତ୍ତୀ ଫକିରପଡ଼ା ଠାରେ ସାଧାରଣ ସଭା କରି ଯିବା ପରେ ବିଜେଡି କର୍ମୀ ଉତ୍ସାହିତ ହୋଇଥିଲେ। ସେହିପରି ବିଜେପି ପକ୍ଷରୁ କିଶନନଗର ଠାରେ ଏକ ସାଧାରଣ ସଭାରେ ମଥୁରା ସାଂସଦ ଡ୍ରିମଗାର୍ଲ ହେମାମାଳିନୀ ଆସି କିଛି ସମୟ ପାଇଁ ରୋଡ ସୋ କରି, ଅସୁସ୍ଥତା ଅନୁଭବ କରି ଫେରିଯାଇଥିଲେ। କିନ୍ତୁ ଅନୁଷ୍ଠିତ ସାଧାରଣ ସାଭରେ ବିପୁଳ ଜନସାଧାରଣ ଉପସ୍ଥିତ ଥିଲେ। କିନ୍ତୁ କଂଗ୍ରେସ ଦଳ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ଗ୍ରହଣ କରାଯାଇନାହିଁ। ସଦର ନିର୍ବାଚନ

### ନିର୍ଣ୍ଣାୟକ ହେବ କଂଗ୍ରେସ ଭୋଟ

ମଣ୍ଡଳୀ ବିଜେଡିର ଗଡ ହୋଇଥିଲେ ମଧ୍ୟ ଚଳିତ ନିର୍ବାଚନରେ ବିଜେପି କଡା ଟକ୍କର ଦେଉଥିବା ଦେଖାଯାଉଛି। ବିଜେଡ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା କଟକ ସଦର ଆସନରୁ ୨ଥର ବିଧାୟକ ଭାବେ ନିର୍ବାଚିତ ହୋଇ ୩ୟ ଥର ପାଇଁ ଭାଗ୍ୟ ପରୀକ୍ଷା କରୁଥିବା ବେଳେ ବିଜେପି ପକ୍ଷରୁ ୧ମ ଥର ପାଇଁ ଇଂ ପ୍ରକାଶ ସେଠୀ ନିର୍ବାଚନ ଲଢୁଥିବା ବେଳେ କଂଗ୍ରେସ ପକ୍ଷରୁ ମଧ୍ୟ ପ୍ରାର୍ଥୀ ହୋଇଥିବା ରାମଚନ୍ଦ୍ର ଗୋଛାୟତ ୧ମ ଥର ନିର୍ବାଚନ ଲଢୁଛନ୍ତି। ଚଳିତ ଥର କଟକ ସଦର ବିଧାନସଭା ଆସନରେ ବିଜେଡିକୁ କଡ଼ା ଟକ୍କର ମିଳୁଛି। କିନ୍ତୁ ଅଭିଜ୍ଞ ଚନ୍ଦ୍ରସାରଥୀ ଶେଷ ମୁହୂର୍ତ୍ତରେ କିପରି ଗୋଟି ଚାଲାଣ କରୁଛନ୍ତି ସମୟ ହିଁ କହିବ। ଅପରପକ୍ଷେ, କଂଗ୍ରେସ ଚଳିତ ନିର୍ବାଚନରେ ଯଦି ଗତ ନିର୍ବାଚନ ତୁଳନାରେ ଅଧିକ ଭୋଟ ପାଏ ତା'ହେଲେ ତାହା ବିଜେଡି ପ୍ରାର୍ଥୀଙ୍କୁ ସୁହାଇବ ଓ ଏହି ଭୋଟ ହିଁ ନିର୍ଣ୍ଣାୟକ ଭୂମିକା ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ସୁତରାଂ, ଚଳିତ ନିର୍ବାଚନରେ ବିଜେଡ଼ି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ହେଉଥିବା ଦେଖାଯାଉଛି।

### ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗୁଳିକାଣ୍ଡ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ, ପିସ୍ତଲ ଓ ଭୁଜାଲି ଜବତ






**ଟାଙ୍ଗୀ,୨୨।୫(ସମିସ):** କଟକ ଜିଲ୍ଲା ଟାଙ୍ଗୀ ଥାନା ଅଧୀନସ୍ଥ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଗୁଳିକାଣ୍ଡ ଘଟଣାର ୧୦ ଦିନ ପରେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ଭୁବନେଶ୍ୱରରୁ ଗିରଫ କରାଯାଇଥିବାବେଳେ ତା' ନିକଟରୁ ଏକ ଭୁଜାଲି ଓ ଦେଶୀ ପିସ୍ତଲ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ସ୍ଥାନୀୟ ଗୋକଳପୁର ଗ୍ରାମର କ୍ଷୀରୋଦ ସେଠୀ ଓରଫ ଲିପୁ। କେସ୍ ନଂ- ୧୨୦/୨୪, ଦଫା ୩୪୧, ୨୯୪, ୩୨୩, ୩୨୪, ୩୨୫, ୩୦୭ ଓ ୩୪ ଏବଂ ୨୫ ଓ ୨୭ ଆର୍ମସ ଆକ୍ଟ ଅନୁଯାୟୀ ମଙ୍ଗଳବାର ଲିପୁକୁ କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ହେମନ୍ତ ସାମଲ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଚଳିତ ମାସ ୧୧ ତାରିଖ ଅପରାହ୍ନ ୪ଘଟିକାରେ ଜରିପଡ଼ା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ରମେଶ ଜେନା ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ବଜାରରେ ଛିଡ଼ା ହୋଇଥିଲେ। କୌଣସି କାରଣରୁ ପୂର୍ବରୁ ସେଠାରେ ଥିବା ଲିପୁ ଓ ଦୁଇ ସହଯୋଗୀଙ୍କ ସହ ରମେଶ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଲିପୁ ପ୍ରଥମେ ଭୁଜାଲିରେ ରମେଶଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଭୟଭୀତ ରମେଶ ଦୌଡିବା ଦେଖି ଲିପୁ ପାଖରେ ରଖିଥିବା ପିସ୍ତଲରୁ ଗୁଳି ଚଳାଇଥିଲେ। ଗୁଳିଟି ରମେଶଙ୍କ ହାତରେ ବାଜିବାରୁ ଜୀବନ ବଞ୍ଚିଯାଇଥିଲା ସତ ସେ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏଥିରେ ସଂପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

## ବାପାଙ୍କ ପାଇଁ ପ୍ରଚାର ମଇଦାନରେ ଝିଅ



**ବଡମ୍ବା,୨୨।୫(ସମିସ):** ବଡ଼ମ୍ବା ନରସିଂହପୁର ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ବିଜୟ କୁମାର ଦଳବେହେରାଙ୍କ ପାଇଁ ପ୍ରଚାର କରିଛନ୍ତି ଝିଅ ପ୍ରଜ୍ଞା ପରମିତା ଦଳବେହେରା। ମଙ୍ଗରାଜପୁର ସମେତ ବଡମ୍ବା, ନରସିଂହପୁର ବ୍ଲକର ବିଭିନ୍ନ ଗାଁ ଘରକୁ ଘର ବୁଲି ବାପା ବିଜୟ ଦଳବେହେରାଙ୍କ ଲାଗି ଭୋଟ୍ ଭିକ୍ଷା କରିଥିଲେ। ଅଞ୍ଚଳରେ ପ୍ରକୃତ ଉନ୍ନତି ପାଇଁ ଏଥର ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଦଳବେହେରାଙ୍କ ସୁଯୋଗ ଦେବାକୁ ପ୍ରଜ୍ଞା ପରମିତା ଦଳବେହେରା ଜନସାଧାରଣ ନିବେଦନ କରୁଛନ୍ତି।

## କନ୍ଦରପୁର ପୁଲିସର ଫ୍ଲାଗମାର୍ଚ୍ଚ



**କଟକ,୨୨।୫(ସମିସ):** ଆସନ୍ତା ସାଧାରଣ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ସମସ୍ତ ଜନସାଧାରଣ ନିର୍ଭୟରେ ଭୋଟଦାନ କେନ୍ଦ୍ରକୁ ଯାଇ ସେମାନଙ୍କ ମତଦାନ ସାବ୍ୟସ୍ତ କରିବା ଉଦ୍ଦେଶ୍ୟରେ କନ୍ଦରପୁର ଥାନା ପୁଲିସ ଓ ଆଇଆରବି ପକ୍ଷରୁ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଏସଆଇ ସୁଧୀର ରଞ୍ଜନ ବଳିଆରସିଂହଙ୍କ ନେତୃତ୍ୱରେ ୧ପ୍ଲାଟୁନ ଆଇଆରବି ଫୋର୍ସ ଓ ଥାନା କର୍ମଚାରୀମାନେ ମତଗଜପୁର, ହାଟସାହି, ସାମଲ ସାହି, ପରମହଂସ, ରାଜହଂସ ପ୍ରଭୃତି ଫ୍ଲାଗମାର୍ଚ୍ଚ କରିଥିଲେ। ନିର୍ବାଚନ ପୂର୍ବରୁ ଥାନା ପୁଲିସର ଫ୍ଲାଗମାର୍ଚ୍ଚ କରିବା ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ଆଶ୍ୱସ୍ତି ସୃଷ୍ଟି ହୋଇଛି। ଅସାମାଜିକ ବ୍ୟକ୍ତିମାନେ କୌଣସି ବିଶୃଙ୍ଖଳା ସୃଷ୍ଟି କଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଆଇ ବଳିଆରସିଂହ କହିବା ସହ ସମସ୍ତେ ନିର୍ଭୟରେ ଭୋଟଦାନ କରିବାକୁ ଅନୁରୋଧ କରିଛନ୍ତି।

### ମାହାଙ୍ଗା ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ରିଲିୟାନ୍ସ ଟିମ୍ ଚାମ୍ପିଅନ




**ମାହାଙ୍ଗା,୨୨।୫(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଯଶରାଜପୁର ଖେଳପଡିଆଠାରେ ସିଦ୍ଧ ମହାପୁରୁଷ ୟୁଥ୍ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ବାର୍ଷିକ ମାହାଙ୍ଗା ପ୍ରିମୟର ଲିଗ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବର ଉପଦେଷ୍ଟା ପ୍ରୀତମ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ଉପରେ ଆଲୋଚନା କରିବା ସହ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ରିଲିୟାନ୍ସ କ୍ରିକେଟ ଟିମ ଓ ଭେଡା କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ରିଲିୟାନ୍ସ ଟିମ ମୂଳବସନ୍ତ ବିଜୟୀ ହୋଇଥିଲା। ବିଜୟୀ ଟିମକୁ ୩୩ ହଜାର ୩୩୩ ଟଙ୍କା ଓ ଉପବିଜେତା ଦଳକୁ ୨୨ ହଜାର ୨୨୨ଟଙ୍କା ଓ ଟ୍ରଫି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଭାତ ଚନ୍ଦ୍ର କାନୁନ୍‌ଗୋ, ଭେଡା ସରପଞ୍ଚଙ୍କ ପ୍ରତିନିଧି ରୁଷି କୁମାର ରାଉତ, ସମାଜସେବୀ ପ୍ରଶାନ୍ତ ପଟ୍ଟନାୟକ, ପ୍ରଦୀପ୍ତ ସିଂହ, ଜିଲ୍ଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ସୁକାନ୍ତ ରାଉତ, ଦିଲ୍ଲୀପ ନାୟକ ପ୍ରମୁଖ ଯୋଗଦେଇଥିଲେ। ଗତ ତିନି ଧରି ଅନୁଷ୍ଠିତ ହୋଇଥିବା ଏହି ଖେଳରେ ପିଣ୍ଟୁ ନାଥ ଏବଂ ମଣ୍ଟୁ ଶତପଥି ଖେଳ ପରିଚାଳନା କରିଥିବା ବେଳେ କ୍ଲବର ସଭାପତି ଦିଲୀପ ନାୟକ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଅଚଳାବସ୍ଥାରେ ମା' ଭଟ୍ଟାରିକାଙ୍କ ପାଦ ପ୍ରକ୍ଷାଳନ ପାଣି ଟାଙ୍କି

**ବଡମ୍ବା,୨୨।୫(ସମିସ):** ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା ଭଟ୍ଟାରିକାଙ୍କର ପୀଠରେ ସିଂହଦ୍ୱାର ନିକଟ ନଦୀକୂଳରେ ଅବସ୍ଥିତ ହସ୍ତ ଓ ପାଦ ପ୍ରକ୍ଷାଳନ ପାଣି ଟାଙ୍କିଟି ଦିର୍ଘ ଦିନ ହେଲା ଅଚଳାବସ୍ଥାରେ ପଡି ରହିଛି। ବୃଦ୍ଧ ଓ ବୃଦ୍ଧାମାନେ ପାଣିରେ ଗୋଡ ଧୋଇ ମନ୍ଦିର ଭିତରେ ପଶିବା ପାଇଁ ୧୦୦ ଫୁଟ ତଳକୁ ଯାଇ ମହାନଦୀରେ ଗୋଡ଼ ଧୋଉଛନ୍ତି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟିବାର ଦୃଷ୍ଟିଗୋଚର ହୁଏ, ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି କାହାର ପଡୁନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ଆଠଗଡ଼ରେ ସଂତୃପ୍ତ ଓ ରଣେନ୍ଦ୍ରଙ୍କ ରୋଡ୍ ଶୋ'





**ତିଗିରିଆ,୨୨।୫(ସମିସ):** ଆଠଗଡ ନିର୍ବାଚନ ମଣ୍ଡଳୀରେ ଯାହା ବି ଉନ୍ନତି ଘଟିଛି ତାର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର। ଆଠଗଡର ଉନ୍ନତି ଦିଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସର୍ବଦା ତତ୍ପର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଦିନକୁ ଦିନ ବଢ଼ିଚାଲିଛି। ତେଣୁ ରାଜ୍ୟରେ ପୁଣି ଥରେ ବିଜେଡି ସରକାର କ୍ଷମତାସୀନ ହେବା ସହ କଟକ ସାଂସଦ ପ୍ରାର୍ଥୀ ଓ ଆଠଗଡ଼ ବିଧାୟକ ପ୍ରାର୍ଥୀଙ୍କ ବାଜିମାତ ହେବ ବୋଲି ଆଜି ଆଠଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧ନଂ ଜୋନରେ ବିଜୁ ଜନତା ଦଳ ପକ୍ଷରୁ ବିଶାଳ ରୋଡ୍ ସୋ କାର୍ଯ୍ୟକ୍ରମରେ ଯୋଗଦେଇ ସାଂସଦ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରୋଡ ସୋ ତଥା ନିର୍ବାଚନୀ ପ୍ରଚାରରେ ବିଭିନ୍ନ ଗ୍ରାମର ଗ୍ରାମବାସୀଙ୍କ ପକ୍ଷରୁ ଉଭୟ ପ୍ରାର୍ଥୀଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଜି ଆଠଗଡ ବ୍ଲକ ଅନ୍ତର୍ଗତ ୧ନଂ ଜୋନରେ ଏକ ବିଶାଳ ମୋଟର ସାଇକେଲ ର୍‍ୟାଲି ତଥା ରୋଡ ସୋ ମାଧ୍ୟମରେ ଉଭୟ ପ୍ରାର୍ଥୀ ନିର୍ବାଚନ ପ୍ରଚାର କରିଥିଲେ। ପୂର୍ବାହ୍ନରେ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀ ୧ନଂ ଜୋନ୍ ଅଧୀନ ତରଡିଙ୍ଗ ପଞ୍ଚାୟତସ୍ଥିତ ଶିବମନ୍ଦିରରୁ ପୂଜାର୍ଚ୍ଚନା କରି ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ଉଭୟ ପ୍ରାର୍ଥୀ ଦଳୀୟ ସମର୍ଥକମାନଙ୍କ ଗହଣରେ ତରଡିଙ୍ଗ, କୁଲାଇଲୋ, ଯୋରୋନ୍ଦା, ସଠିଲୋ, ସମସରପୁର, ଇଚ୍ଛାପୁର, ଜେନାପଦା, ବଡଭୁଇଁ ଖୁଣ୍ଟକଟା ପଞ୍ଚାୟତର ତରଡଙ୍ଗ ପଞ୍ଚାୟତ ଛକ, ଖେଳପଡିଆ ଛକ, ଜଗନ୍ନାଥ ମନ୍ଦିର ଛକ, ତାରିଣୀ ମନ୍ଦିର ଛକ, ନାଉରଥ ଶନି ମନ୍ଦିର ଛକ, କରିକମଳ, କୁଲାଇଲୋ ରାମମନ୍ଦିର ଛକ, କୁଲାଇଲୋ ମେନ୍ ରୋଡ ଶିବ ମନ୍ଦିର ଛକ, ଗୋପିନାଥପୁର ଛକ, ଇଶ୍ୱରା, ଦୋରଡଛକ, ହେମାଳପୁର ଛକ, ସଠିଲୋ, କୁଆଁଳ, ଅମୃତମଣୋହି ପାଟଣା, ସମସୁରପୁର ଛକ, ରଘୁନାଥପୁର ଛକ, ଝାଜିଆ, ଇଚ୍ଛାପୁର ଛକ, ଜେନାପଦା ପାର୍କ ପଡିଆ, ବନଦୁର୍ଗା ଛକ, ମାରୁଗୋଠ ଛକ, ଗୋପିବଲ୍ଲଭପୁର, ବଡଭୁଇଁ, ସୋମପଡା, ଜାଗିଆପଡା, ଘଣ୍ଟେଶ୍ୱରୀ ଛକ, ନୂଆବନ୍ଧ, ରେଗେଡାପଡା, ସାପୁଆ, ଖୁଣ୍ଟକଟା ରେଙ୍ଗାଲି ଛକ, ଖୁଣ୍ଟକଟା ମଙ୍ଗଳାମନ୍ଦିର ଛକ, ଖୁଣ୍ଟକଟା ରାମ ମନ୍ଦିର ଛକ ଓ ଖୁଣ୍ଟକଟା ବସଷ୍ଟାଣ୍ଡ ଠାରେ ପଥପ୍ରାନ୍ତ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ନିର୍ବାଚନ ମଣ୍ଡଳୀର ଷ୍ଟାର ପ୍ରଚାରକ ନୃସିଂହ ଚରଣ ମହାପାତ୍ର, ସୁନିଲ ପରିଡା, ହାଡିବନ୍ଧୁ ସ୍ୱାଇଁ, ଅଶାନ୍ତି ବେହେରାଙ୍କ ସମେତ ପ୍ରାୟ ୫ ହଜାରୁ ଊର୍ଦ୍ଧ୍ୱ ଦଳୀୟ ସମର୍ଥକ ଯୋଗଦେଇ ଘରକୁ ଘର ବୁଲି ବିଧାୟକ ପ୍ରାର୍ଥୀ ଶ୍ରୀ ସ୍ୱାଇଁ ଓ ସାଂସଦ ପ୍ରାର୍ଥୀ ଡ. ମିଶ୍ରଙ୍କୁ ଯୋଡି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ମତଦାନ ପୂର୍ବକ ଏକ ନବ ଓଡିଶା ଗଠନରେ ସହାୟକ ହେବାକୁ ନିବେଦନ କରିଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ଟାଙ୍ଗୀ,୨୨।୫(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମସ୍ଥିତ ମା ବଉଳେଇ ଓ ବାବା ପରମେଶ୍ୱର ମହାଦେବ ପୀଠସ୍ଥଳରେ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଗନ୍ଧନଦୀରୁ ପାଣି ତୋଳାଯାଇ ବହୁ ଆଡ଼ମ୍ବରରେ ମହିଳାଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ଯଥାରୀତି ଭାବେ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଦି ପୂଜା, ଚଣ୍ଡୀ ପାଠ, ରୁଦ୍ରାଭିଷେକ ଓ ପୂର୍ଣ୍ଣାହୁତି ଆଦି ପୂଜାର୍ଚ୍ଚନା କରାଯାଇଛି। ମନ୍ଦିର ପୁରୋହିତ ଦୀପୁ ନନାଙ୍କ ନେତୃତ୍ୱରେ ବରିଷ୍ଠ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ ସମାପନ ହୋଇଥିଲା। ଏଥିରେ କର୍ତ୍ତା ଭାବେ ମାନସ ରଞ୍ଜନ ବେଉରା, କାଳନ୍ଦୀ ମହାରଣା ଓ ଉଭୟଙ୍କ ଧର୍ମପତ୍ନୀ ଅବସ୍ଥାପିତ ହୋଇଥିଲେ। ଅତିଥି ଭାବେ ଆଠଗଡ ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ସୁବୋଧ ସାମଲ, ରଞ୍ଜିତ ରାଉତ, ଜଗନ୍ନାଥ ଦାସ, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱଜିତ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସେଠୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି ତ୍ରିବସୀୟ ରାତ୍ରରେ ପାଲା, ଭଜନ କୀର୍ତ୍ତନ, ଭଜନ ନୃତ୍ୟ ପରିବେଷଣ ଓ ବିଭିନ୍ନ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ମଲ୍ଲିକ, ଗୌରାଙ୍ଗ ଚରଣ ମାଝି, ଧ୍ରୁବାନନ୍ଦ ବେଉରା, ପ୍ରଶାନ୍ତ ବସ୍ତିଆ, ଗଙ୍ଗାଧର ବେହେରା, ବିଷ୍ଣୁ ଚରଣ ମାଝି, ମାନସ ମଲ୍ଲିକ, ଅଜୟ ବେହେରା, ଶିବ ପାତ୍ର, ଅନନ୍ତ ମହାରଣା ଓ ସନାତନ ଦାସ ପ୍ରମୁଖ ସହଯୋଗ କରିଥିଲେ।

